■ ଜୋର୍ ଧରିଲା ପାରିପଲେଇରେ ଅଣ୍ଡରପାସ ନିର୍ମାଣ ଦାବି

# ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ବିଧାୟକ

ବାଲିଚନ୍ଦ୍ରପୁର, ୧୨।୧୨(ସମିସ): ବଡ଼ଚଣା ବ୍ଲକ ତଥା ଭରତପୁର ପଞ୍ଚାୟତ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଚାଲିଥିବାବେଳେ ବ୍ଲକର ଶେଷ ଅଂଶରେ ଥିବା ପାରିପଲେଇ ଛକରେ ଏକ ଭେଇକିଲ ଅଣ୍ଡରପାସ ନିର୍ମାଣ ପାଇଁ ଗତ କିଛିମାସ ଧରି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ତେବେ ଏହି ଦାବି ପୂରଣ ହେବାରେ ବିଳମ୍ବ ହେବାରୁ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଥିଲେ। ଏ ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଏଡିଏମ ଶୁଭେନ୍ଦ୍ର ସାମଲ ଓ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଜୟ ପ୍ରକାଶ ବର୍ମାଙ୍କ ସମେତ ବହୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରେ ଅଧିକାରୀ ନିକଟସ୍ଥ ମା' ମଙ୍ଗଳା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଏନେଇ ବିଭିନ୍ନ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କ ଦାବି ମୁତାବକ ପାରିପଲେଇ ଛକ ଦେଇ ଅଞ୍ଚଳବାସୀଙ୍କ ସହିତ ସ୍କୁଲ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟକୁ ଯାତାୟାତ କରିଥା'ନ୍ତି। ସେହିପରି ଏହି ବାଟ ଦେଇ ଦୋଳ ବିମାନ ସହିତ ଦୈନିକ ବହୁ ବାଇକ ଓ ଚାରିଚକିଆ ଯାନ ଯାତାୟାତ କରିଥାଏ। ଏହି ସ୍ଥାନଟି ଯାଜପୁର ଜିଲ୍ଲାର ଶେଷ ଅଂଶ ଅଟେ। ତେଣୁ ଯାତାୟାତ ସୁବିଧା ପାଇଁ ଏଠାରେ ଏକ ଭେଇକିଲ ଅଣ୍ଡରପାସ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଅଞ୍ଚଳବାସୀଙ୍କ ଦାବିକୁ ଅଗ୍ରାଧିକାର ଦିଆଯାଇ ଚଳିତ ମାସ ୨୪ ତାରିଖ ଦିନ ଏଥିପାଇଁ ଶେଷ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଯାଇଥିବା ଜଣାଯାଇଛି।

# ଆବାସିକ ବିଦ୍ୟାଳୟରେ ଶୁଖିଲା ଖାଦ୍ୟ ବଣ୍ଟନ

ଜାରକା, ୧୨।୧୨( ସମିସ): ଧର୍ମଶାଳା ବ୍ଲକ୍ ତରଞ୍ଜିଆ ପଞ୍ଚାୟତ ପୋବଲ ଗ୍ରାମସ୍ଥ ଆଶୀର୍ବାଦ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିନାୟକ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଅର୍ଜୁନ ଚରଣ ସାହୁ, ବିଜୟ ଦେବତା, ଶରତ ସ୍ୱାଇଁ, ପୁରୁଷୋତ୍ତମ ଜେନା, ପ୍ରଫୁଲ୍ଲ ସ୍ୱାଇଁ, ବିଜୟ ସାହୁ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଆବାସିକ ଆଶ୍ରମର ଅଧକ୍ଷଙ୍କ ସହିତ ଆଲୋଚନା କରି ଅନ୍ତେବାସୀଙ୍କ ପାଇଁ ଶୁଖିଲା ଖାଦ୍ୟ ଚୁଡା, ବିସ୍କୁଟ, ଚିନି ଓ କଦଳୀ ବଣ୍ଟନ କରିଥିଲେ। ଏଥିସହ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ।

## ମା' ବିରଜା ପରିକ୍ରମା ପ୍ରକଳ୍ପ ଓ ହାଟ ବିବାଦ ପ୍ରସଙ୍ଗ

# ପରିକ୍ରମା ପ୍ରକଳ୍ପ ଅଞ୍ଚଳରେ ହାଟ ବସାଇବାକୁ ପ୍ରଶାସନର ଜିଦ୍

ଯାଜପୁର,୧୨।୧୨(ସମିସ):

ଗତ କିଛିଦିନ ଧରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପରିକ୍ରମା ପ୍ରକଳ୍ପ ଓ ଏଠାରେଥିବା ପୁରୁଣା ଅଗ୍ନେଶ୍ୱର ହାଟ ପୁନଃ ପ୍ରତିଷ୍ଠା ଉଦ୍ୟମକୁ ନେଇ ଲାଗି ରହିଥିବା ବିବାଦର ସମାଧାନ କରିବାକୁ ଯାଇ

**ପ୍ରଭାବିତ ହେବ ପରିକ୍ରମା ପ୍ରକଳ୍ପ**

**ଆଗକୁ ବିବାଦ ଥମିବା ପରିବର୍ତ୍ତେ ବଢ଼ିବା ଆଶଙ୍କା**

**ଖୋଲା ଆକାଶ ତଳେ ପରିବା ବ୍ୟବସାୟୀଙ୍କୁ ବସିବାକୁ ମିଳିଲା ଅନୁମତି**

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ**

ଜିଲ୍ଲା ପ୍ରଶାସନ ପୁଣି ଏକ ବିବାଦରେ ଛନ୍ଦି ହୋଇଯାଇଛି। ଏହି ବିବାଦର ସମାଧାନ ପାଇଁ ପୂର୍ବରୁ ଯାଜପୁରର ବୁଦ୍ଧିଜୀବୀ, ବ୍ୟବସାୟୀ, ସେବାୟତଙ୍କ ମତାମତ ଗ୍ରହଣ କରିଥିଲା। ସେହି ଅନୁଯାୟୀ ବିରଜା ପରିକ୍ରମା ପ୍ରକଳ୍ପ ଓ ହାଟ ପାଇଁ ଆରଏମସି ଦ୍ୱାରା ଅଧିଗୃହିତ ହୋଇଥିବା ହାଟ ଜମିର ମାପ ଚୁପ ଉପରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୌଣସି ବର୍ଗର ମତାମତ ନିଆ ନ ଯାଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନକସାକୁ ପ୍ରଦର୍ଶିତ କରାଯାଇଥିଲା। ଯେଉଁଥିରେ ବିରଜା ପରିକ୍ରମା ପ୍ରକଳ୍ପ ଅଞ୍ଚଳକୁ ପରିବର୍ତ୍ତନ କରି ସେଥିରେ ହାଟ ବସାଇବାକୁ ନୂତନ ନକସାରେ ନିଷ୍ପତ୍ତି ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲାପାଳଙ୍କ ସୂଚନା ମୁତାବକ ଯେଉଁ ୩ ଏକର ୧୪ ଡି ଜମି ଆରଏମସି ଅଧିଗ୍ରହଣ କରି ପରିକ୍ରମା ପ୍ରକଳ୍ପରେ ମିଶ୍ରଣ କରାଯାଇଥିଲା, ସେଥିମଧ୍ୟରୁ ପାଖାପାଖି ୨ ଏକର ଜମିରେ ହାଟ ନିର୍ମାଣ କରାଯିବ ଓ ହାଟ ପାଇଁ ଆବଶ୍ୟକ ଅଧିକ ଜମି ମଧ୍ୟ ଅଧିଗ୍ରହଣ କରାଯିବ। ଆସନ୍ତା ରବିବାରଠାରୁ ସେହି ପରିକ୍ରମା ପ୍ରକଳ୍ପ ଅଞ୍ଚଳ ଭିତରେ ଥିବା ଜମି ଉପରେ କେବଳ ପନିପରିବା ବ୍ୟବସାୟୀଙ୍କୁ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଆଗକୁ ଏହି ହାଟକୁ ଏକ ସମ୍ପୂର୍ଣ୍ଣ ହାଇଟେକ କରାଯିବ। କିନ୍ତୁ ସେତେବେଳ ପର୍ଯ୍ୟନ୍ତ ସଛୁମାଧବରେ ଚାଲୁଥିବା ହାଟ ମଧ୍ୟ ଚାଲୁ ରହିବ।

ତେବେ ଆଜି ପ୍ରଶାସନ ପକ୍ଷରୁ ଆହୂତ ବୈଠକରେ ଯୋଗଦେଇଥିବା ପ୍ରତିନିଧିଙ୍କ କୌଣସି ମତାମତକୁ ଜିଲ୍ଲା ପ୍ରଶାସନ ଗ୍ରହଣ ନ କରି ପୂର୍ବରୁ ପ୍ରସ୍ତୁତ କରିଥିବା ନକସା ଓ ତଥ୍ୟ ଉପସ୍ଥାପନ କରି ନିଜ ଜିଦକୁ ଜାହିର କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଆଗକୁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ବିରଜା ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଯଦି କାର୍ଯ୍ୟକାରୀ କରାଯାଏ, ତାହା ହେଲେ ସେହି ଅଞ୍ଚଳରେ ହାଟ କିଭଳି ସମ୍ଭବ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ବିବାଦ ଆସିବା ଦିନଠାରୁ ପରିକ୍ରମା ପ୍ରକଳ୍ପକୁ ବାଦ ଦେଇ ହାଟ ପ୍ରତିଷ୍ଠା କରିବାକୁ ବିଭିନ୍ନ ବର୍ଗ ଓ ବ୍ୟକ୍ତିବିଶେଷ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ଏପରିକି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମଧ୍ୟ ପରିକ୍ରମା ପ୍ରକଳ୍ପକୁ ସଂପୂର୍ଣ୍ଣ କରି ଏହାକୁ ଲାଗି ହାଟ କଲେ କୌଣସି ଅସୁବିଧା ହେବ ନାହିଁ ବୋଲି ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରିବର୍ତ୍ତେ ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନ ନିଜ ଜିଦରେ ଅଟଳ ରହି ଏଭଳି ଏକ ନିଷ୍ପତ୍ତି ଫଳରେ ଆଗକୁ ଅଧିକ ବିବାଦ ବଢ଼ିବା ନେଇ ଆଶଙ୍କା କରାଯାଉଛି। କାରଣ ଜିଲ୍ଲା ପ୍ରଶାସନ ପାଖରେ ହାଟ ପାଇଁ କେବଳ ପାଖାପାଖି ୨ ଏକର ଜାଗା ରହିଛି। କିନ୍ତୁ ଯେଉଁ ହାଇଟେକ୍ ହାଟର ପରିକଳ୍ପନା ଜିଲ୍ଲା ପ୍ରଶାସନ କରିଛି ସେଥିପାଇଁ ଅଧିକ ଜାଗାର ଆବଶ୍ୟକତା ରହିଛି। ଏଭଳି ସ୍ଥଳେ ଘରୋଇ ଜମି ଅଧିଗ୍ରହଣ କରିବା କଷ୍ଟକର ହୋଇପଡିବ। ଅନ୍ୟପଟେ ଯେଉଁ ପରିବାର ପରିକ୍ରମା ପ୍ରକଳ୍ପ ପାଇଁ ନିଜ ଭିଟାମାଟି ହରାଇଥିଲେ ସେମାନେ ଆଗାମୀ ଦିନରେ ନିଜ ଭିଟାମାଟିକୁ ଫେରାଇବାକୁ ମାଗିବାର ସମ୍ଭାବନା ମଧ୍ୟ ରହିଛି। ଯଦି ହାଟ ବ୍ୟବସାୟୀଙ୍କୁ ହାଟ ଫେରାଇଲ ତେବେ ଭିଟାମାଟି ହରାଇଥିବା ପରିବାରଙ୍କୁ କାହିଁକି ଭିଟାମାଟି ଫେରାଇବ ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିବାର ସମ୍ଭାବନା ରହିଛି।



# ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଜାରକା, ୧୨।୧୨(ସମିସ): ଧର୍ମଶାଳା ଥାନା ନିକଟସ୍ଥ ଭବାନୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ କାର୍ ଅଟକାଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ସମଗ୍ର ଭବାନୀପୁର ଅଞ୍ଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ଭବାନୀପୁର ପଞ୍ଚାୟତ ବଳଭଦ୍ର ପ୍ରସାଦପାଟଣା ଗ୍ରାମର ରାମଚନ୍ଦ୍ର ବେହେରା ଗତକାଲି ଜାରକାସ୍ଥ ଏକ ମଣ୍ଡପରେ ଅନୁଷ୍ଠିତ ପୁତୁରା ବାହାଘର ଭୋଜିରେ ପରିବାର ସହ ଯୋଗଦେଇଥିଲେ। ଭୋଜି ସାରି ରାତି ପ୍ରାୟ ୨ଟା ସମୟରେ କାର୍‌ରେ ପତ୍ନୀ, ଭାଉଜ ଓ ଭଉଣୀଙ୍କୁ ବସାଇ ଧର୍ମଶାଳା ବଜାର ଦେଇ ଭବାନୀପୁର ମୁଖ୍ୟ ରାସ୍ତାରେ ଘରକୁ ଫେରୁଥିବାବେଳେ ବଳଭଦ୍ର ପ୍ରସାଦପାଟଣା ଗ୍ରାମ ନିକଟରେ ଥିବା ମୋବାଇଲ ଟାୱାର ନିକଟରେ କିଛି ଦୁର୍ବୃତ୍ତ ବାଇକରେ ଆସି କାରକୁ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇବା ସହ କାର୍ ଚଳାଉଥିବା ରାମଚନ୍ଦ୍ରଙ୍କୁ ମାଡ଼ ମାରି ଭୟଭୀତ କରିଥିଲେ। ଗାଡ଼ିରେ ବସିଥିବା ମହିଳାଙ୍କଠାରୁ ସମସ୍ତ ସୁନା ଗହଣା ଲୁଟି ନେଇ ବାଇକରେ ଫେରାର ହୋଇଯାଇଥିଲେ। ଏ ନେଇ ରାମଚନ୍ଦ୍ର ଥାନାରେ ଅଭିଯୋଗ ପରେ ପୁଲିସ ୮୬୫/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ହେଲେ ଅଦ୍ୟାବଧି ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ସୁରାଗ ପାଇ ନ ଥିବା ଜଣାପଡିଛି। ବିବାହ ଭୋଜି ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ଜାଣି ଦୁର୍ବୃତ୍ତମାନେ ପିଛା କରି ଏଭଳି ଅଘଟଣ ଘଟାଇ ଥାଇପାରନ୍ତି ବୋଲି ପୁଲିସ ଅନୁମାନ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ଓ ଦୁର୍ବୃତ୍ତମାନେ ଖୁବଶୀଘ୍ର ଧରାପଡ଼ିବେ ବୋଲି ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

# ମଦନମୋହନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜେନାପୁର,୧୨।୧୨(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବିଛାଖଣ୍ଡୀରେ ଶ୍ରୀ ଶ୍ରୀ ମଦନ ମୋହନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୯ ତାରିଖରୁ ୪ ଦିନ ଧରି ଏହି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ୧୧ ତାରିଖ ଉତ୍ସବରେ ଯୁବନେତା ସତୀଶ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କହିଲେ ଯେ, ମଣିଷ, ଜୀବ, ଉଦ୍ଭିଦ ଜଗତ ତିଷ୍ଠି ରହିବାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକମାତ୍ର ସର୍ବଶ୍ରେଷ୍ଠ ମାର୍ଗ। ସମଗ୍ର ବିଶ୍ୱରେ ଏଭଳି ମହାନ ସଂସ୍କୃତି ଓ ପରମ୍ପରା ନାହିଁ। ବରିଷ୍ଠ ସମାଜସେବୀ ଧବଳେଶ୍ୱର ପ୍ରଧାନ ଏବଂ ଗ୍ରାମ ସଭାପତି କାଳନ୍ଦି ଚରଣ ପାଣି ଏହି ଅବସରରେ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମନ୍ଦିର ପ୍ରତିଷ୍ଠା କମିଟି ତରଫରୁ ମୁଖ୍ୟ ପୁରୋଧା ପ୍ରମୋଦ କର, ଅଜୟ ମହାରଣା, ସତ୍ୟାନନ୍ଦ ପାଣି, ରାଜୀବ ଚରଣ ରାଉଳ, ବିଶ୍ୱନାଥ ସେଠୀ, ରଞ୍ଜନ କୁମାର ସ୍ୱାଇଁ, ସୁଶାନ୍ତ ରାଉତ, ପବିତ୍ର ସ୍ୱାଇଁ, ବିଶ୍ୱତିଳକ ପାଣି, ପବିତ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଦାନଗଦି ବ୍ଲକ୍ କନିଷ୍ଠ ଶିକ୍ଷକ ସଂଘ ଗଠିତ

ଦାନଗଦି,୧୨।୧୨(ସମିସ): ଦାନଗଦୀ ବ୍ଲକରେ ନବନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କୁ ନେଇ 'ଦାନଗଦି ଓଡ଼ିଶା ଶିକ୍ଷକ ସଂଘ' ନାମରେ ସଂଘ ଗଠନ କରାଯାଇଛି। ପୂର୍ବ ଗଠିତ ହୋଇଥିବା ସଂଘର ସମସ୍ତ ବରିଷ୍ଠ ସଦସ୍ୟ ନବନିର୍ବାଚିତ ସଦସ୍ୟମାନଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ବୈଠକରେ ସର୍ବସମ୍ମତିକ୍ରମେ ଦାନଗଦୀ ବ୍ଲକ ପାଇଁ ସଭାପତି ଶିକ୍ଷକ ଅରବିନ୍ଦ ସାହୁ, ଉପସଭାପତି ଶିକ୍ଷକ କାଳିଚରଣ ମାଝୀ, ସମ୍ପାଦକ ଭାବେ ଶିକ୍ଷକ କୈବଲ୍ୟ ପ୍ରସାଦ ସାହୁ, ସହ ସମ୍ପାଦକ ଭାବେ ଶିକ୍ଷକ ପ୍ରିୟରଞ୍ଜନ ବିଶ୍ୱାଳ ଏବଂ ବ୍ଲକ ସଂଯୋଜିକା ରାଜଶ୍ରୀ ଲେଙ୍କାଙ୍କୁ ମନୋନୀତ କରାଯାଇଛି। ନୂତନ ପେନ୍‌ସନ ସ୍କିମର ସମ୍ପାଦକ ଧର୍ମେଞ୍ଜୟ ରାଉତ, ମହାସଚିବ ନସିମ ମୁବାରକ, ସାଙ୍ଗଠନିକ ସମ୍ପାଦକ ସହଦେବ ସାହୁ, ମୁଖ୍ୟ ଉପଦେଷ୍ଟା କୁଳମଣି ବାରିକ, ସୁଜିତ ବେହେରା, ଅମୀୟ ରଞ୍ଜନ ନାୟକ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସାଫଲ୍ୟ ସାଫଲ୍ୟ ମଣ୍ଡିତ କରିଥିଲେ।

# ଗଳିପୋଲ ନିର୍ମାଣ ପାଇଁ ଡାକବଙ୍ଗଳା ରେଳଫାଟକ ବନ୍ଦ

ବ୍ୟାସନଗର,୧୨।୧୨(ସମିସ):ବ୍ୟାସନଗର ସହରର ଜୀବନରେଖା କୁହାଯାଉଥିବା ଡାକବଙ୍ଗଳା ଛକ ରେଳଫାଟକ ଏଲସି ଗେଟ ନଂ୧୪୦କୁ ପୂର୍ବତଟ ରେଳବାଇ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ଯାଜପୁରରୋଡ ରେଳଷ୍ଟେସନ ଅର୍ନ୍ତଗତ ଡାକବଙ୍ଗଳା ଛକ ନିକଟରେ ଗଳିପୋଲ ନିର୍ମାଣ ନିମନ୍ତେ କାମ ଦ୍ରୁତ ଗତିରେ ଚାଲୁଛି। ଗଳିପୋଲ ନିମନ୍ତେ ସମସ୍ତ ଭିତ୍ତିଭୂମି କାର୍ଯ୍ୟ ସରିଥିବାବେଳେ କେବଳ ଠିକାସଂସ୍ଥା ପକ୍ଷରୁ ସେହି ସ୍ଥାନରେ ଗାତ ଖୋଳି ସିମେଣ୍ଟ କୁଣ୍ଡ ସ୍ଥାପନ କରିବା ପରେ ଯାତାୟାତ ସୁଗମ ହେବା ସହିତ ବ୍ୟାସନଗରବାସୀଙ୍କ ବହୁଦିନର ଆଶା ପୂରଣ ହୋଇପାରିବ। କାମକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଡାକବଙ୍ଗଳା ଛକ ରେଳଫାଟକ ଏଲସି ଗେଟ ନଂ୧୪୦କୁ ପୂର୍ବତଟ ରେଳବାଇ ପକ୍ଷରୁ ଗୁରୁବାର ରାତ୍ର ୧୦ ଘଟିକାଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବା ନେଇ ସର୍ବସାଧାରଣରେ ସୂଚନା ଦିଆଯିବା ସହିତ ଅନ୍ୟ ରାସ୍ତାରେ ବିଧିବଦ୍ଧ ଟ୍ରାଫିକ ବ୍ୟବସ୍ଥା କରାଇବା ଓ ଆଇନଶୃଙ୍ଖଳା ସ୍ଥିତି ନିମନ୍ତେ ରେଳବାଇ ସହାୟକ ମଣ୍ଡଳ ଯନ୍ତ୍ରୀ ରାଜ କୁମାର ପାତ୍ର ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୧ କେଭି ବିଦ୍ୟୁତ୍ ଫିଡର ଲୋକାର୍ପିତ

କୁଆଖିଆ,୧୨।୧୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଟାଟା ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବୁସନ ଲିମିଟେଡର କୁଆଖିଆ ବିଦ୍ୟୁତ୍ ଡିଭିଜନ ଅଧିନସ୍ଥ କୁଆଖିଆ ଟାଟା ପାୱାର ସେକ୍ସନ ପକ୍ଷରୁ ରସୁଲପୁର ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ, କୁଆଖିଆ ଥାନା ଭଳି ଗୁରୁତ୍ୱପୂର୍ଣ୍ଣ ଓ ୨୪ ଘଣ୍ଟା ଜନସେବାରେ ନିୟୋଜିତ କାର୍ଯ୍ୟାଳୟଗୁଡିକୁ ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବା ସକାଶେ ୧୧ କେ.ଭି ବିଦ୍ୟୁତ୍ ଫିଡର ଲୋକାର୍ପିତ ହୋଇଛି। କୁଆଖିଆ ବିଦ୍ୟୁତ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିଡରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟୁତ ଉପ-ଖଣ୍ଡ ଅଧିକାରୀ ସିତାଂଶୁ ଶତପଥି, ସେକ୍ସନ ମାନେଜର ପୀତବାସ ଭୂୟାଁ, ସୁପରଭାଇଜର ଗୋପାଳ ଚନ୍ଦ୍ର ପରିଡା, ସହ-ସୁପରଭାଇଜର ବିଶ୍ୱଜିତ୍ ନାୟକ, ଲାଇନ୍‌ମ୍ୟାନ ବିପଦଭଂଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଫିଡର ସ୍ଥାପନ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ପ୍ରାୟତଃ ୧ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ କରାଯାଇଛି। କନିଷ୍ଠ ଯନ୍ତ୍ରୀ ସୟଦ୍ ଇକ୍ବାଲ ଅଲ୍ଲୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଫିଡର ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି।



# ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଦାନଗଦି/ସୁକିନ୍ଦା, ୧୨।୧୨(ସମିସ): ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ କଳିଙ୍ଗନଗର ପୁଲିସ ଆଜି ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜେନାପୁର ଥାନା କଣ୍ଟାପାଟଣା ଗାଁର ଭରତ ସାହୁଙ୍କ ପୁଅ ଅନୀଲ ସାହୁ (୨୨)। ଅଭିଯୁକ୍ତ ଅନୀଲ ରଗଡି ଗାଁର ଜଣେ ନାବାଳିକାକୁ ଗତ ମାସ ୧୮ ତାରିଖ ରାତିରେ ଘର ପାଖରୁ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୁଲିସ ଧାନମଣ୍ଡଳ ଥାନା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହ ଯୁବକକୁ ଗିରଫ କରିଥିଲା।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ଜାରକା, ୧୨।୧୨(ସମିସ): ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଶଙ୍ଖାରୀଡିହସ୍ଥ ଧର୍ମଶାଳା ପବ୍ଲିକ ସ୍କୁଲରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଯାଇଛି। ସ୍କୁଲର ଅଧକ୍ଷ ସବିତ୍ରୃ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଏସ କଲେଜର ଅଧକ୍ଷ ପବିତ୍ର ମାହାଲା, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ଖୋର୍ଦ୍ଧା, କେନ୍ଦ୍ରାପଡା, କଟକ, ବ୍ରହ୍ମପୁର, ଯାଜପୁର ଆଦି ବିଭିନ୍ନ ଜିଲ୍ଲାରେ ଥିବା ସିବିଏସି ସ୍କୁଲର ୩୦ରୁ ଅଧିକ ବିଭିନ୍ନ କବାଡି ପ୍ରତିଯୋଗୀ ଭାଗ ନେଇଥିଲେ। ୧୪ ବର୍ଷ ବାଳକ ବିଭାଗରେ ସଂସ୍କାର ପବ୍ଲିକ ସ୍କୁଲ ପ୍ରଥମ, ୧୪ ବର୍ଷ ବାଳିକା ବିଭାଗରେ ଜେମ୍ସ ପବ୍ଲିକ ସ୍କୁଲ ପ୍ରଥମ। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଡାକ୍ତର ଦେଭ ମହାନ୍ତି ପବ୍ଲିକ ସ୍କୁଲ ପ୍ରଥମ ଓ ଏହି ବର୍ଗ ବାଳିକା ବିଭାଗରେ ଧର୍ମଶାଳା ପବ୍ଲିକ ସ୍କୁଲ ପ୍ରଥମ ହୋଇଥିଲେ। ଉଦଯାପନୀ ଉତ୍ସବରେ ବ୍ୟାସନଗର ପବ୍ଲିକ ସ୍କୁଲର ଅଧକ୍ଷା ଡା. ଦେବସ୍ମିତା ସାହୁ, ଜେମ୍ସ ପବ୍ଲିକ ସ୍କୁଲର ଅଧକ୍ଷ ନିହାର ରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

■ ପାଖରେ ଆମ୍ବୁଲାନ୍ସ ଥାଇ ବି କାମରେ ଆସିଲାନି

# ଆମ୍ବୁଲାନ୍ସ ମିଳିଲାନି, ଚାଲିଗଲା ଜୀବନ

ବରୀ,୧୨।୧୨(ସମିସ): ଆମ୍ବୁଲାନ୍ସ ନ ମିଳିବାରୁ ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବୁଧବାର ସକାଳ ସମୟରେ ରତ୍ନଗିରି ହରିଜନ ସାହିର ପ୍ରହ୍ଲାଦ ମଲିକଙ୍କ ପତ୍ନି (୫୮) ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ କଲ୍ ସେଣ୍ଟର ଅଧିକାରି ସଫା ସଫା ମନା କରିଥିଲେ ଯେ ଗାଡ଼ି ଉପଲବ୍ଧ ନାହିଁ ବୋଲି। ରତ୍ନଗିରି ଡାକ୍ତରଖାନା ପରିସରରେ ଏକ ଆମ୍ବୁଲାନ୍ସ ରହିଥିଲା। ପରିବାର ଲୋକେ ତାଙ୍କୁ ରୋଗୀ ନେବାକୁ ଅନୁରୋଧ କରିବାରୁ ସେ ମନା କରିଥିଲେ। ୧୦୮ର ନିର୍ଦ୍ଦେଶ ହେଲେ ରୋଗୀ ନେବେ ବୋଲି କହିଥିଲେ। ପରିବାର ଲୋକେ ୧୦୮ କୁ କଲ କରି ଆମ୍ବୁଲାନ୍ସ କର୍ମଚାରୀଙ୍କୁ ରୋଗୀ ନେବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ସେହି ଏକା ଉତ୍ତର ମିଳିଥିଲା ଯେ ଆମ୍ବୁଲାନ୍ସ ଉପଲବ୍ଧ ନାହିଁ। ଏହାରି ଭିତରେ ଚିକିତ୍ସା ଅଭାବରୁ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିଲା।

## ଭବପ୍ରସାଦଙ୍କ ବିରୋଧରେ ଜାତିଆଣ ଆକ୍ଷେପ ଅଭିଯୋଗ ମାମଲା

# ଅଭିଯୋଗକାରୀଙ୍କୁ ହାଜର କରିବାକୁ ନିର୍ଦ୍ଦେଶ

ଯାଜପୁର, ୧୨।୧୨(ସମିସ):

ବିଜେଡି ନେତା ଭବପ୍ରସାଦ ଦାସଙ୍କ ନାଁରେ ଏକାଧିକ ମିଥ୍ୟା ମୋକଦ୍ଦମା ରୁଜୁ କରିବା ସହିତ ଏକ ଜାତିଆଣ ଆକ୍ଷେପ ଅଭିଯୋଗ ମାମଲା ମଧ୍ୟ ରୁଜୁ ହୋଇଛି। ସମସ୍ତ ମାମଲାରେ ଇତିମଧ୍ୟରେ ଭବପ୍ରସାଦଙ୍କୁ ଜାମିନ ମିଳିଥିବାବେଳେ ଜଣେ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ଦ୍ୱାରା ଯାଜପୁର ଟାଉନ ଥାନାରେ ଦିଆଯାଇଥିବା ଅଭିଯୋଗ ମାମଲାରେ ତାଙ୍କୁ ଜାମିନ ମିଳିପାରିନାହିଁ। ନିୟମ ମୁତାବକ ଏହି ମାମଲାର ତଦନ୍ତ ଜଣେ ଡିଏସପି କିମ୍ବା ତଦୁର୍ଦ୍ଧ ପାହ୍ୟାର ଅଧିକାରୀ କରିଥା'ନ୍ତି ଓ ଅଭିଯୁକ୍ତଙ୍କ ଜାମିନ ଆବେଦନ ସମୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ଉପସ୍ଥିତ ରହିବା କଥା। କିନ୍ତୁ ଭବପ୍ରସାଦଙ୍କ ବିରୋଧରେ ଯାଜପୁର ଟାଉନ ଥାନାରେ ନାୟକ ସାହି ଅଞ୍ଚଳର ଜଣେ ମହିଳାଙ୍କ ଟିପ ଚିହ୍ନ ଥାଇ ଗତ ନଭେମ୍ବର ୨୪ ତାରିଖ ଦିନ ଅଭିଯୋଗ ଗ୍ରହଣ କରାଯାଇଥିଲା। କିନ୍ତୁ ଏହାପରଠାରୁ ସତେ ଯେମିତି କୁଆଡେ ସେ ନିଖୋଜ ହୋଇଯାଇଛନ୍ତି କିମ୍ବା କେହି ତାଙ୍କୁ ନିଜ କବଜାରେ ରଖିଥିବା ଚର୍ଚ୍ଚା ହେଉଛି। କାରଣ ଅଭିଯୋଗ ପରଠାରୁ ସେ ଦେଇଥିବା ଠିକଣାରେ ତାଙ୍କୁ କେହି ଦେଖିନଥିବାବେଳେ ପୁଲିସ ମଧ୍ୟ ସେଠାକୁ ଯାଇ ନିରାଶ ହୋଇ ଫେରୁଛି। ଫଳରେ ଏହି ଅଭିଯୋଗର ସଠିକ୍ ତଦନ୍ତ ହୋଇପାରୁନି। ଏପରିକି ଭବପ୍ରସାଦ ଦାସ ଜଣେ କର୍କଟ ରୋଗୀ। ଏଥିପାଇଁ ତାଙ୍କର ଅଧିକ ଚିକିତ୍ସାର ଆବଶ୍ୟକତା ଥିଲେ ମଧ୍ୟ ଅଭିଯୋଗକାରୀଙ୍କ ନିକଟରେ କୋର୍ଟରେ ହାଜର ହେବା ନୋଟିସ ପହଞ୍ଚିପାରୁନି। ଫଳରେ ଭବପ୍ରସାଦଙ୍କୁ ଜାମିନ ମିଳିପାରୁନାହିଁ। ଗତ ୯ ତାରିଖ ଦିନ ଅଭିଯୋଗକାରୀ କୋର୍ଟରେ ହାଜର ହେବା କଥା। କୋର୍ଟ ପକ୍ଷରୁ ଯାଇଥିବା ଡାକ ଯୋଗେ ନୋଟିସ ପହଞ୍ଚି ନ ଥିଲା କିମ୍ବା ସେ ଦେଇଥିବା ଠିକଣାରେ ନ ଥିବା ପୁଲିସ କହିଛି। କୋର୍ଟ ଏଥିପାଇଁ ତଦନ୍ତକାରୀ ଅଧିକାରୀ କୈଳାସ ସେଠୀଙ୍କୁ ଅଭିଯୋଗକାରୀଙ୍କୁ ଆଣି କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଦ୍ୱିତୀୟ ତାରିଖ ମଧ୍ୟ ରହିଥିଲା ଅଭିଯୋଗକାରୀ ହାଜର ହେବା ପାଇଁ। ଆଜି ମଧ୍ୟ ସମାନ ଅବସ୍ଥା ହେବାରୁ ଜିଲ୍ଲା ଅଦାଲତ ଅଭିଯୋଗାକାରୀଙ୍କୁ ଆସନ୍ତାକାଲି ଭିତରେ ଆଣି ହାଜର କରିବାକୁ ତଦନ୍ତକାରୀ ଅଧିକାରୀ ତଥା ଯାଜପୁର ଏସଡିପିଓ କୈଳାସ ଚନ୍ଦ୍ର ସେଠୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଏ ସମ୍ପର୍କରେ ଯାଜପୁର ଏସପିଙ୍କୁ ମଧ୍ୟ ଅବଗତ କରିଥିବା ଜଣାପଡିଛି।

ତେବେ ଅଭିଯୋଗକାରୀ ଅଭିଯୋଗ କରିବା ଦିନଠାରୁ ତାଙ୍କର କୌଣସି ପତ୍ତା ନ ମିଳିବା, କୋର୍ଟର ନୋଟିସ ତାଙ୍କ ନିକଟରେ ନ ପହଞ୍ଚିବା, ପୁଲିସ ତାଙ୍କୁ ଖୋଜି ନ ପାଇବା, ଅଭିଯୋଗର ସାକ୍ଷୀ ଥିବା ବ୍ୟକ୍ତିଙ୍କଠାରୁ ସୂଚନା ସଂଗ୍ରହ କରି ମଧ୍ୟ ଅଭିଯୋଗକାରୀଙ୍କୁ ପୁଲିସ ଠାବ ନ କରି ପାରିବା ପୁଲିସର ପାରିବାପଣିଆ ଓ ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭବପ୍ରସାଦଙ୍କୁ ଜାମିନ ପ୍ରଦାନରେ ବିଳମ୍ବ କରିବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଓ ଅଭିଯୋଗକାରୀଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଜ୍ଞାତ ସ୍ଥାନରେ ରଖାଯାଇ ଏଭଳି କରାଯାଉଥିବା ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ତଥା ଯାଜପୁର ଏସଡିପିଓ କୈଳାସ ସେଠୀଙ୍କୁ ପଚାରିବାରୁ ଆମେ ବହୁତ ଖୋଜାଖୋଜି କରୁଛୁ। କିନ୍ତୁ ଅଭିଯୋଗକାରୀଙ୍କୁ ଠାବ କରିପାରୁନୁ। ତାଙ୍କ ଯେଉଁ ଫୋନ ନମ୍ବର ଅଛି। ସେହି ନମ୍ବରକୁ ଆଉ କେହି ଉଠାଉଛନ୍ତି ବୋଲି ଉତ୍ତର ଦେଇଥିଲେ।




# କଳିଙ୍ଗରେ ବ୍ୟାଡ୍‌ମିଣ୍ଟନ ଏଚ୍‌ପିସି ପାଇଁ ନବୀନ ନେଇଥିଲେ ପଦକ୍ଷେପ: ବିଜେଡି

**ଭୁବନେଶ୍ୱର,୧୨।୧୨(ସମିସ):** ଏକ ସମୃଦ୍ଧ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ମହତ୍ୱାକାଂକ୍ଷୀ ପ୍ରକଳ୍ପ ହାତକୁ ନେଇଥିଲେ। ଏବେ ମୋହନ ସରକାର ସେ ସବୁ ପ୍ରକଳ୍ପର



ପିଠା କାଟୁଛନ୍ତି। ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଥିବା ବ୍ୟାଡମିଣ୍ଟନ ହାଇପର୍ଫମାନ୍ସ ସେଣ୍ଟର ଏହାର ଜ୍ୱଳନ୍ତ ଉଦାହରଣ ବୋଲି ବିଜେଡି କହିଛି। ଏକ ପ୍ରେସ୍ ବିବୃତରେ ବିଜେଡି ମୁଖପାତ୍ର ଡ଼ ଲେନିନ୍ ମହାନ୍ତି କହିଛନ୍ତି ଯେ ଭବିଷ୍ୟତକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିଲେ। ସେଥିପାଇଁ ଓଡ଼ିଶା ଆଜି କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ଅତ୍ୟାଧୁନିକ ବ୍ୟାଡମିଣ୍ଟନ ହାଇପର୍ଫର୍ମାନ୍ସ ସେଣ୍ଟର ଏହା ମଧ୍ୟରୁ ଅନ୍ୟତମ।

■ ଉଦ୍‌ଘାଟନ ବେଳେ ବିଜେପିର ଦୁଇ ମୁଖ୍ୟମନ୍ତ୍ରୀ ଦେଖିଲେ ନବୀନଙ୍କ କାମ
■ ନବୀନଙ୍କ ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇଁ ଓଡ଼ିଶା କ୍ରୀଡ଼ା ହବ୍ ହୋଇଛି

ଏକ ବିଶ୍ୱସ୍ତରୀୟ ବ୍ୟାଡମିଣ୍ଟନ ସେଣ୍ଟର ପ୍ରତିଷ୍ଠା ପାଇଁ ୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ସହିତ ଡାଲମିଆ ଭାରତ ଏବଂ ପୁଲେଲା ଗୋପିଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ୨୦୧୯ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହାର ନିର୍ମାଣ ପାଇଁ କଳିଙ୍ଗ ଷ୍ଟାଡିୟମ୍ ଭିତରେ ରାଜ୍ୟ ସରକାର ୩ ଏକର ଜମି, ଡାଲମିଆ ଭାରତ ୫୫ କୋଟି ଟଙ୍କା ଦେଉଥିବା ବେଳେ ଜାତୀୟ କୋଚ୍ ତଥା କିମ୍ବଦନ୍ତୀ କ୍ରୀଡ଼ାବିତ ପୁଲେଲା ଗୋପିଚାନ୍ଦ ଏହି ସେଣ୍ଟରର ପରିଚାଳନା ଓ ପ୍ରଶିକ୍ଷଣ ଦେବେ ବୋଲି ସ୍ଥିର କରାଯାଇଥିଲା। ଏଥିରେ ୮ଟି ବ୍ୟାଡମିଣ୍ଟନ କୋର୍ଟ ଥିବା ବେଳେ ୫୦୦ ଦର୍ଶକ ବସିବା ପାଇଁ ବ୍ୟବସ୍ଥା ହୋଇଛି। କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ହେଉ ଅବା ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ, ନବୀନ ସରକାରଙ୍କ ନିଷ୍ପତ୍ତି ପରିଚାଳନା ସର୍ବଦା ସ୍ମରଣୀୟ ହୋଇ ରହିବ। ଗତ ୨୪ ବର୍ଷ ଭିତରେ ନବୀନ ସରକାର କିଛି କରି ନାହାନ୍ତି ବୋଲି ବିକ୍ରାର କରୁଥିବା ଦୁଇ ମୁଖ୍ୟମନ୍ତ୍ରୀ ଆଜି ବ୍ୟାଡମିଣ୍ଟନ ହାଇ ପର୍ଫମାନ୍ସ ସେଣ୍ଟର ଉଦ୍‌ଘାଟନ କରିବା ବେଳେ ନବୀନ ବାବୁ କ'ଣ ସବୁ କରିଛନ୍ତି, ତାହା ଭଲ ଭାବରେ ଦେଖିଥିବେ ବୋଲି ଡ଼ ମହାନ୍ତି କହିଛନ୍ତି।

■ ଦିଲ୍ଲୀ ବିଧାନସଭା ନିର୍ବାଚନ

# କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ପର୍ଯ୍ୟାୟରେ ୨୧ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦୀକ୍ଷିତ୍‌ଙ୍କ ପୁଅ ସନ୍ଦିପ ଦୀକ୍ଷିତ୍‌ଙ୍କୁ ନୂଆଦିଲ୍ଲୀ ଆସନରେ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିପକ୍ଷରେ ଦଳ ଛିଡା କରିଛି। ଦିଲ୍ଲୀର ଅନ୍ୟ କିଛି ପ୍ରମୁଖ ଆସନ ମଧ୍ୟରୁ ନରେଲାରେ ଅରୁଣା କୁମାରୀ, ଆଦର୍ଶ ନଗରରେ ଶିବାଙ୍କ ସିଂଘଲ, ସଦର ବଜାରରେ ଅନୀଲ ଭରଦ୍ୱାଜ୍, ଚାନ୍ଦନୀଚୌକ୍‌ରୁ ମୁଦିତ ଅଗ୍ରୱାଲ, ଦ୍ୱାରକାରୁ ଆଦର୍ଶ ଶାସ୍ତ୍ରୀ, ଗ୍ରେଟର କୌଳାସରେ ଗରଭିତ୍ ସିଂଘଭିଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ସେହିପରି ଦୁଇ ଦିନ ତଳେ ସିଲମପୁରର ଆପ୍ ବିଧାୟକ ଅବଦୁଲ ରହମନ ନିଜ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲା ବେଳେ ତାଙ୍କୁ ମଧ କଂଗ୍ରେସ ସେହି ଆସନରୁ ପ୍ରାର୍ଥୀ କରିଛି।

# ରାଧାକୃଷ୍ଣଙ୍କୁ ଲାଗିହେଲା ୮୫୧ ବ୍ୟଞ୍ଜନ



**ପୁରୀ,୧୨।୧୨(ସମିସ):** ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୮୫୧ ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଛି। ଏଥିରେ ସାଧା, ମିଠା କାନିକା, ଖେଚୁଡ଼ି ଓ ଘିଅ ଅନ୍ନ ପରି ୨୦ ପ୍ରକାର ଅନ୍ନ, ୧୦ ପ୍ରକାର ଡାଲି, ୨୧ ପ୍ରକାର ଶାଗ, ୩୦୧ ପ୍ରକାର ଚଟଣୀ ରହିଥିଲା ବୋଲି ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି। ବୁଧବାର ସକାଳୁ ପରିବା ସବୁ ଅମୁଣିଆ ହେବା ପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି। ଉଭୟ ମହିଳା ଓ ପୁରୁଷ ଭକ୍ତ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ମାତା ମଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା।

হାତୀପଲ ଉପଦ୍ରବରେ ଫସଲ ନଷ୍ଟ

# ମଞ୍ଚା ବାନ୍ଧି ଫସଲ ଜଗୁଛନ୍ତି ଚାଷୀ

**ନାରଦପୁର, ୧୨।୧୨(ସମିସ):** ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି ହାତୀପଲ। ସଞ୍ଜ ନଇଁଲେ ଧାନ କ୍ଷେତରେ ପଶି ଯାଉଛନ୍ତି। କ୍ଷେତରେ ପାଚି ଯାଇଥିବା ଧାନ ଖାଉଛନ୍ତି। ଧାନ ଓ ପନିପରିବାକୁ ଯେତିକି ଖାଉଛନ୍ତି ତା'ଠାରୁ ଅଧିକ ନଷ୍ଟ କରୁଛନ୍ତି। ତେବେ ଲୋକେ ଫସଲକୁ ହାତୀ ଦାଉରୁ ସୁରକ୍ଷିତ ରଖିବା ପାଇଁ ଗଛ ଉପରେ ମଞ୍ଚା ବାନ୍ଧି ରାତି କାଟୁଛନ୍ତି। ଗ୍ରାମବାସୀଙ୍କ ସୂଚନା ମୁତାବକ, ଗତ ଦୁଇ ସପ୍ତାହ ହେଲାଣି ଚମ୍ପୁଆ ଓ ବଡ଼ବିଲ ରେଞ୍ଜ ଅଞ୍ଚଳର ବିଭିନ୍ନ ଗ୍ରାମରେ ହାତୀପଲ ଉପଦ୍ରବ ଲାଗି ରହିଛି। ହାତୀକୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ଓ ବନ ବିଭାଗ ଯେତେ ଉଦ୍ୟମ କଲେ ମଧ୍ୟ ଅଞ୍ଚଳ ଛାଡ଼ି ହାତୀ ଯାଉନାହାନ୍ତି। ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ କାହ୍ନପୁର ଗ୍ରାମର ସୁରେଶ ଚନ୍ଦ୍ର କୁଦାଡ଼ାଙ୍କ ଫୁଲ କୋବି ଓ ଅନ୍ୟାନ୍ୟ ପନିପରିବା ଚାଷକୁ ଖାଇ ନଷ୍ଟ କରିଦେଇଛନ୍ତି। ସଞ୍ଜ ହେଲେ ସ୍ଥାନୀୟ ମିରିଗିସିଙ୍ଗା ଜଙ୍ଗଲରେ ରହିଥିବା ପ୍ରାୟ ୨୦ରୁ ଅଧିକ ହାତୀ ବୈତରଣୀ ନଦୀ ପାର ହୋଇ ଧାନ କ୍ଷେତରେ ପଶି ଉପଦ୍ରବ ଚଳାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୈତରଣୀ କୂଳ ମୁକୁନ୍ଦପୁର, ସାତହଳିଆ, ମିରିଗିସିଙ୍ଗା, ପୁଟୁଗାଁ, କୁଦାପି, ଦାମପୁର, କଣ୍ଡରାରେ ମଧ ବହୁ ଚାଷୀଙ୍କ ଧାନ ଓ ପନିପରିବା ନଷ୍ଟ କରିଦେଲେଣି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ପଶ୍ଚିମବଙ୍ଗ ଜଙ୍ଗଲମୁହାଁ 'ଜିନତ୍'

**ବାରିପଦା, ୧୨।୧୨(ସମିସ):** ଶିମିଳିପାଳରୁ ପଳାଇଥିବା ମହାରାଷ୍ଟ୍ର ବାଘୁଣୀ 'ଜିନତ୍' ଏବେ ପଶ୍ଚିମବଙ୍ଗ ଜଙ୍ଗଲମୁହାଁ ହୋଇଛି। ରବିବାର ରାତିରୁ ଓଡ଼ିଶା ସୀମା ପାର ହୋଇ ଝାଡ଼ଖଣ୍ଡରେ ପ୍ରବେଶ କରିବା ପରେ ବିଭିନ୍ନ ଜଙ୍ଗଲ ଦେଇ ଚାକୁଳିଆ ନିକଟ ମୋରବାଡ଼ା ସଂରକ୍ଷିତ ଜଙ୍ଗଲରେ ଅଧିକ ସମୟ ରହିଥିଲା। ଶିମିଳିପାଳରେ ସେ ଶେଷ ଶିକାର କରି ଖାଇଥିବା ବେଳେ ୫ଦିନ ହେଲା ଆଉ କୌଣସି ଶିକାର କରିନାହିଁ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉଦ୍ଧାରକାରୀ ଦଳ 'ଜିନତ୍' ପଛେପଛେ ରହି ତା' ଉପରେ ନଜର ରଖିଛନ୍ତି। ବୁଧବାର 'ଜିନତ୍' ଚାକୁଳିଆର ବଡ଼ମଛଟି ଗାଁରେ ପହଞ୍ଚିଥିଲା। ଜିପିଏସ୍ ଲୋକେସନ୍‌ରୁ ବନ ବିଭାଗ ଟିମ୍ ଏହି ସୂଚନା ପାଇଥିଲା। ତାକୁ କାବୁ କରିବା ପାଇଁ ଜଙ୍ଗଲ ମଧ୍ୟରେ ୩ଟି ମଇଁଷି ବାଛୁରୀ ରଖାଯାଇଥିଲେ ହେଁ ଶିକାର ପାଇଁ ନ ଆସିବାରୁ ଯୋଜନା ବିଫଳ ହୋଇଛି।

ଅପରପକ୍ଷେ, ବାଘୁଣୀ ଗାଁରେ ପହଞ୍ଚିଥିବା ଖବର ପ୍ରଚାରିତ ହେବା ପରେ ସ୍କୁଲକୁ ବନ୍ଦ କରି ଦିଆଯାଇଥିଲା। ବାଘ ପ୍ରଭାବିତ ଅଞ୍ଚଳରେ ଗ୍ରାମବାସୀଙ୍କ ଯାତାୟାତ ଉପରେ ଘଟଶିଳା ଉପଖଣ୍ଡ ଅଧିକାରୀ ଚକୁଳିଆ ବ୍ଲକର ଚିଆବନ୍ଧି, ପାଣ୍ଡରାସୋଲି, ଧଡିକା ଓ ଖଡ଼ବନ୍ଧା ଗ୍ରାମରେ ବିଏନ୍‌ଏସଏସ୍ ୧୬୩ ଅଧୀନରେ ନିଷେଧାଦେଶ ଜାରି କରିଛନ୍ତି। ଶେଷ ଖବର ଅନୁଯାୟୀ 'ଜିନତ୍' ଉତ୍ତର-ପୂର୍ବ ଦିଗକୁ ଗତି କରୁଛି। ଶୀଘ୍ର ପଶ୍ଚିମବଙ୍ଗର କହ୍ନେଇସୋର ଜଙ୍ଗଲରେ ପହଞ୍ଚିବା ସମ୍ଭାବନା ରହିଛି ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ।

# ଉପାନ୍ତରେ ଧାନ ଜଗିବ କ୍ୟାମେରା

**ଚମ୍ପୁଆ, ୧୨।୧୨(ସମିସ):** ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ସୀମା ଚମ୍ପୁଆ ଦେଇ ବାହାର ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆ ପକ୍ଷରୁ କ୍ୟାମେରା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ୮୦୦ ଘୋଷଣା ପରେ ଚାଷୀମାନେ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ପାଇବେ। ଫଳରେ ଚାଷୀ ଅଧିକ ଲାଭବାନ ହେବେ। ଏହି ବର୍ଦ୍ଧିତ ମୂଲ୍ୟ ପାଇଁ ବାହାର ରାଜ୍ୟରୁ ଦଲାଲମାନେ ଗଳା ବାଟ ଦେଇ ଧାନ ଆଣିବାର ସମ୍ଭାବନା ଅଧିକ ରହିଛି। ଏହାକୁ ଆଖି ଆଗରେ ରଖି ବାହାର ରାଜ୍ୟରୁ ଆସୁଥିବା ଧାନରେ ରୋକ ଲଗାଇବା ପାଇଁ କ୍ୟାମେରାଯୁକ୍ତ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଏହି ଗାଡ଼ି ୨୪ ଘଣ୍ଟିଆ ଜଗିବ ବୋଲି ସହକାରୀ ଯୋଗାଣ ଅଧିକାରୀ ମଙ୍ଗଲ ସିଂ ସୂଚନା ଦେଇଛନ୍ତି। ଆଜି ଅପରାହ୍ନରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ ଆର୍‌ଏମସି ସମ୍ପାଦକ ଦିଗାମ୍ବର ପ୍ରଧାନଙ୍କ ଉପସ୍ଥିତିରେ ଏହି ଗାଡିକୁ ଶୁଭାରମ୍ଭ କରିଛନ୍ତି।

# ୭ ମାଓବାଦୀଙ୍କୁ ଏନ୍‌କାଉଣ୍ଟର୍

**ମାଲକାନଗିରି, ୧୨।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା ବାହିନୀ ଏନ୍‌କାଉଣ୍ଟର୍‌ରେ ୭ ମାଓବାଦୀ ନିହତ ହୋଇଛନ୍ତି। ଏହି ଏନ୍‌କାଉଣ୍ଟର ନାରାୟଣପୁର ଜିଲ୍ଲାର ଅବୁଜମାଡ଼ ଜଙ୍ଗଲରେ ହୋଇଛି। ତେବେ ଜଙ୍ଗଲରେ ଆଉ କିଛି ମାଓବାଦୀ ଲୁଚିଥିବା ସନ୍ଦେହରେ ଖବର ଲେଖା ହେବା ସୁଦ୍ଧା କମ୍ବିଂ ଅପରେସନ୍ ଜାରି ରହିଛି। ପୁଲିସ୍ ଅଧିକାରୀଙ୍କ ସୂଚନାନୁସାରେ, ନକ୍ସଲ ବିରୋଧୀ ଅପରେସନ୍‌ରେ ନାରାୟଣପୁର, କୋଣ୍ଡାଗାଓନ୍, ଜଗଦଲପୁର ଏବଂ ଦନ୍ତେୱାଡା ଜିଲ୍ଲାରୁ ଡିଆରଜି ଟିମ୍ ସହ ଏସଟିଏଫ୍ ଏବଂ ସିଆରପିଏଫ୍‌ର ମିଳିତ ଦଳ ଅବୁଜମାଡ଼ ଜଙ୍ଗଲକୁ ଯାଇଥିଲେ। କମ୍ବିଂ ବେଳେ ଆଜି ଭୋର୍ ସମୟରେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ନକ୍ସଲମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ମଧ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ଫେରିବା ପରେ ଏ ସଂପର୍କରେ ବିସ୍ତୃତ ସୂଚନା ଦିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

# ଟ୍ରାକ୍ଟର୍‌କୁ ଧକ୍କା ଦେଇ ଜଳିଗଲା ପିଆଜ ବୋଝେଇ ଟ୍ରକ୍





**ବିଶୋଇ, ୧୨।୧୨ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ. ଜାତୀୟ ରାଜପଥର କୁରୁକୁଟିଆ ଛକ ନିକଟରେ ବୁଧବାର ରାତିରେ ଏକ ଟ୍ରାକ୍ଟର୍‌କୁ ପିଆଜ ବୋଝେଇ ଟ୍ରକ୍ ଧକ୍କା ଦେବା ପରେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଦୁର୍ଘଟଣାରେ ଟ୍ରାକ୍ଟର୍‌ରେ

**ଜଣେ ମୃତ, ୩ ଗୁରୁତର**

ଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ଶ୍ରମିକଜଣଙ୍କ ହେଲେ, ବିଶୋଇ ଥାନାର ନୂଆଗାଁ ଗ୍ରାମର ପପୁ ମହାନ୍ତ (୧୮)। ଆହତମାନେ ହେଲେ, ନୂଆଗାଁ ଗ୍ରାମର ଶମ୍ଭୁ ମହାନ୍ତ (୨୭), ନିର୍ମଳ କୁମାର ବାନରା (୧୮) ଏବଂ ଚିକେନ୍ ନାଏକ(୧୮)। ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୯ଟାରେ ନୂଆଗାଁ-କୁରୁକୁଟିଆ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରାକ୍ଟର୍‌କୁ ପଛକୁ ଧକ୍କା ଦେବା ପରେ ଟ୍ରକ୍‌ଟି ଡିଭାଇଡର୍‌ରେ ପିଟି ହୋଇ ଓଲଟି ପଡ଼ିଥିଲା। ତେବେ ଟ୍ରକ୍‌ରେ ପିଆଜ ସହ କେମିକାଲ ପାଉଡର୍ ବୋଝେଇ ହୋଇଥିବାରୁ ସେଥିରେ ନିଆଁ ଲାଗି ଯାଇଥିଲା। ସୌଭାଗ୍ୟକୁ ଟ୍ରକ୍‌ର ଚାଳକ ଫେରାର୍ ହୋଇଯିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଟ୍ରାକ୍ଟର ମାଲିକ ପହଞ୍ଚି ବାଇକ ରଖି ଶ୍ରମିକଙ୍କୁ ଉଦ୍ଧାର କରିବାରେ ସହଯୋଗ କରୁଥିବା ବେଳେ ନିଆଁ ଝାସରେ ତାଙ୍କର ଗାଡ଼ିଟି ମଧ୍ୟ ଜଳିଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଏକ ରାଷ୍ଟ୍ର, ଏକ ନିର୍ବାଚନ'...

ବ୍ୟବସ୍ଥା ପରିପନ୍ଥୀ ବୋଲି କହୁଛନ୍ତି। ଶାସକ ଦଳ ପକ୍ଷରୁ ଯୁକ୍ତି କରାଯାଇଛି ଯେ ପ୍ରତି ୬ ମାସରେ କେଉଁଠି ନା କେଉଁଠି ନିର୍ବାଚନ ହେଉଥିବାରୁ ସରକାରୀ ରାଜସ୍ୱ ଉପରେ ଚାପ ପଡୁଛି। ବାରମ୍ବାର ନିର୍ବାଚନ ହେଉଥିବାରୁ ଆଦର୍ଶ ଆଚରଣବିଧି ଲାଗୁ ହେଉଛି। ଏହାଯୋଗୁଁ ବିକାଶ କାମରେ ବାଧା ସୃଷ୍ଟି ହେଉଛି। ଭୋଟର ସଂଖ୍ୟା ମଧ କମିକମି ଯାଉଛି। ଏକାଥରକେ ନିର୍ବାଚନ ହେଲେ ଏହିସବୁ ସମସ୍ୟା ଆଉ ରହିବ ନାହିଁ। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଏକ ଐତିହାସିକ ଯୋଜନା ହୋଇଥିବାରୁ ସମସ୍ତେ ଏହାକୁ ସମର୍ଥନ କରିବା ଉଚିତ ବୋଲି ବିଜେପି ନେତାମାନେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ଏହି ବିଲକୁ ଜୋରଦାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବାସ୍ତବ କ୍ଷେତ୍ରରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ବିଶେଷ କରି ଭୌଗୋଳିକ ସ୍ଥିତି ଏବଂ ପରିବହନ ବ୍ୟବସ୍ଥାକୁ ଏହା ସୁହାଇବ ନାହିଁ। ଏହାଛଡ଼ା ଏହି ବିଲ୍ ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି। ତେବେ ସବୁଠାରୁ କଡ଼ା ବିରୋଧ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍। ଏହାକୁ ସେ ଗଣତନ୍ତ୍ର ବିରୋଧୀ ବର୍ଣ୍ଣନା କରି କହିଛନ୍ତି ଯେ ଏହା ଲାଗୁ ହେଲେ ଆଞ୍ଚଳିକ ସ୍ୱର ଏବ ସଂଘୀୟ ବ୍ୟବସ୍ଥା ହଜିଯିବ। ସରକାର ପରିଚାଳନା ମଧ ବାଧାପ୍ରାପ୍ତ ହେବ। ଅନ୍ୟ ଆଞ୍ଚଳିକ ଦଳ ମଧ ଏହି ବିଲ୍ ପ୍ରସ୍ତାବକୁ ବିରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗୋଟିଏ ଦେଶରେ ଗୋଟିଏ ନିର୍ବାଚନ କରିବାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ଉପରେ ବିଚାରବିମର୍ଶ କରି ରିପୋର୍ଟ ଦାଖଲ କରିବା ନିମନ୍ତେ ୨୦୨୩ ସେପ୍ଟମ୍ବର ୨ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ୨୦୨୪ ମାର୍ଚ୍ଚ ୧୪ ତାରିଖରେ ରିପୋର୍ଟ ଦେବା ସହିତ ଦେଶରେ ଏକ ରାଷ୍ଟ୍ର, ଏକ ନିର୍ବାଚନ ପାଇଁ ସୁପାରିସ କରିଥିଲେ। ସେହି ଅନୁସାରେ କେନ୍ଦ୍ର ସରକାର ଏହି ବିଲ ଉପସ୍ଥାପନ କରି ଏହାକୁ ପାରିତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କିନ୍ତୁ ବିଲରେ ରହିଥିବା କେତେକ ବ୍ୟବସ୍ଥା ପାଇଁ ସମ୍ବିଧାନରେ ସଂଶୋଧନ ଆବଶ୍ୟକ। ଏଥିପାଇଁ ଉଭୟ ରାଜ୍ୟସଭା ଏବଂ ଲୋକସଭାରେ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ସବୁ ବିରୋଧୀ ଦଳ ଏହି ବିଲକୁ ବିରୋଧ କରୁଥିବାରୁ ଏହା ପାରିତ ହେବା ନେଇ ଆଶଙ୍କା ଦେଖାଦେଇଛି।

ତେବେ ଏହାକୁ ପାରିତ କରାଇବା ଲାଗି ଏନ୍‌ଡିଏ କିପ୍ରକାର ରଣନୀତି ଗ୍ରହଣ କରୁଛି ତାହା ଆଗକୁ ଜଣାପଡ଼ିବ। ଉଭୟ ଗୃହରେ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନ ସହିତ ସମ୍ବିଧାନର ୫ଟି ଅନୁଛେଦରେ ମଧ ସଂଶୋଧନ ଆଣିବାକୁ ପଡ଼ିବ। କିନ୍ତୁ ସରକାରଙ୍କ ପକ୍ଷେରେ ଆବଶ୍ୟକ ସଂଖ୍ୟା ନାହିଁ।

### ମାମଲା ଉପରେ ...

ନେଇ ଚ୍ୟାଲେଞ୍ଜ କରାଯାଇଥିଲା ବେଳେ ଏହା ଉପରେ ଶୁଣାଣି କରିବାକୁ ଜମାତ୍- ଉଲମା-ଇ-ହିନ୍ଦ, ମୁସଲିମ ପର୍ସନାଲ ବୋର୍ଡ ଏବଂ ଅଞ୍ଜୁମାନ ଇନ୍ତଜାମିଆ କମିଟି ସମେତ ଅନ୍ୟ ଇସଲାମିକ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ମାମଲା।।ରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଖାନ୍ନାଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହିତ ଏହି ପ୍ରସଙ୍ଗରେ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଉଭୟ ପକ୍ଷର ପିଟିସନକୁ ନେଇ କେନ୍ଦ୍ର ସରକାର ଏହି ସମୟ ଅବଧିରେ ନିଜର ଉତ୍ତର ରଖିବେ। କେନ୍ଦ୍ରର ଜବାବ ଆସିବା ପରେ ଆଉ ୪ ସପ୍ତାହ ମଧ୍ୟରେ ଅନ୍ୟ ପକ୍ଷ ସେମାନଙ୍କ ରିଜଏଣ୍ଡର ଦାଖଲ କରି ପାରିବେ ବୋଲି ସଂପୃକ୍ତ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨ ସେପଟେମ୍ବରରେ ଏହି ମାମଲାର ଶୁଣାଣି ହାଇଥିଲା ଏବଂ ଏସଂପର୍କରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ପାଇଁ କୁହାଯାଇଥିଲା।

ପୂଜାସ୍ଥଳ ଆଇନ - ୧୯୯୧ ଅନୁଯାୟୀ ୧୫ ଅଗଷ୍ଟ ୧୯୪୭ରେ ଦେଶ।।ରେ ଧର୍ମପୀଠଗୁଡ଼ିକ ଯେଉଁ ସ୍ଥିତିରେ ଥିଲା, ସେହି ସ୍ଥିତିରେ ରହିବ। ଏହାର ସ୍ୱରୂପରେ କୌଣସି ପ୍ରକାର କରିବର୍ତ୍ତନ କରାଯାଇପାରିବ ନାହିଁ। ଏସଂପର୍କରେ କୌଣସି ଅଦାଲତରେ ପିଟିସନ ଦାଖଲ କରାଯାଇ ପାରିବ ନାହିଁ କି ଅଦାଲତ ଏହାକୁ ଗ୍ରହଣ କରିବେ ନାହିଁ। ଯେଉଁ ପିଟିସନ ବିଚାରାଧୀନ ରହିଛି, ସେଗୁଡ଼ିକ ଅକାମୀ ହୋଇଯିବ।

### 'ପେସା' ଫାଶରେ...

ପେସା ଆଇନ ଆଗତ କରାଯିବ ବୋଲି ବିଧାନସଭାରେ ଘୋଷଣା କରିଥିଲେ। ରାଜ୍ୟରେ ପେସା ଆଇନ ଲାଗୁ ନେଇ କେନ୍ଦ୍ର ସରକାରଙ୍କ ଆଗ୍ରହ ଥିବା ଉଲ୍ଲେଖ କରି ବିଧାନସଭାରେ ସମସ୍ତ ଅନୁସୂଚୀତ ଜନଜାତି ବର୍ଗର ବିଧାୟକଙ୍କ ସହ ଆଲୋଚନା କରି ଏହି ସ୍ୱର୍ଶକାତର ପ୍ରସଙ୍ଗର ସମାଧାନ କରାଯିବ ବୋଲି ସେତେବେଳେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ମାତ୍ର ଇତିମଧ୍ୟରେ ୩ ମାସ ବିତିଯିବା ସତ୍ତ୍ୱେ ସରକାର ଏହି ପ୍ରସଙ୍ଗରେ ବିରୋଧୀ ବିଧାୟକଙ୍କ ସହ ଆଲୋଚନା କଲେ ନାହିଁ, କିମ୍ବା ବିଧାନସଭାରେ ପେସା ଆଇନ ଆଣିଲେ ନାହିଁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସୂଚନା ଅନୁଯାୟୀ ପଞ୍ଚାୟତିରାଜ ମନ୍ତ୍ରୀ ଥରୁଟିଏ ମଧ ପେସା ଆଇନ ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିନାହାନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଆଦିବାସୀ ସଂପ୍ରଦାୟ ଅବହେଳିତ ହୋଇଆସିଛନ୍ତି। ୧୧୮ ବ୍ଲକରେ ୬୩ ପ୍ରକାର ଆଦିବାସୀ ସଂପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ମାତ୍ର ସେମାନଙ୍କୁ ତାଙ୍କର ଅଧିକାର ଦେବାକୁ ସରକାର ଚାହୁଁ ନାହାନ୍ତି ବୋଲି ଉଲ୍ଲେଖ କରି ଶ୍ରୀ କାଡ଼ାମ୍ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସହିତ ପେସା ଆଇନ ରାଜ୍ୟରେ ଲାଗୁ ହେଉ ବୋଲି ବିଜେପି-ଆରଏଏସ ଚାହୁଁ ନାହାନ୍ତି ବୋଲି କାଡ଼ାମ୍ ଅଭିଯୋଗ କରିଛନ୍ତି।

### ରୁଷିଛନ୍ତି ରାଜ୍ୟପାଳ...

ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁଯାୟୀ ଡିସେମ୍ବର ୨ ତାରିଖରୁ ୧୧ ତାରିଖ ମଧ୍ୟରେ ୯ଟି କାର୍ଯ୍ୟଦିବସ ମଧ୍ୟରେ ବିଶ୍ୱବିଦ୍ୟାଳୟ ବିଲ୍ ଗୃହରେ ଉପସ୍ଥାପନ ପାଇଁ ସରକାର ପ୍ରୟାସ କରିଥିଲେ। ମାତ୍ର ବିଲ୍‌ରେ ଥିବା କିଛି ଅଂଶକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଅର୍ଥାତ୍ ରାଜ୍ୟପାଳ ଆପତ୍ତି ଉଠାଇଥିବାରୁ ତାହା ବିଧାନସଭାରେ ଉପସ୍ଥାପନ ହୋଇ ପାରିଲା ନାହିଁ। ସଂଶୋଧିତ ବିଲରେ ରାଜ୍ୟପାଳଙ୍କ କ୍ଷମତା ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ କରି କେବଳ 'ଡମି' ଭାବରେ ରଖାଯାଇଛି ଓ ବିଶ୍ୱବିଦ୍ୟାଳୟ କୁଳପତି, ଉଚ୍ଚଶିକ୍ଷା ବିଭାଗ ଓ ବିଭାଗୀୟ ମନ୍ତ୍ରୀଙ୍କ କ୍ଷମତା ବୃଦ୍ଧି କରାଯାଇଛି। ଯାହାକୁ ନେଇ ରାଜ୍ୟପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟପାଳ ଏହି ପ୍ରସଙ୍ଗରେ ଦିଲ୍ଲୀରେ ମଧ ପହଞ୍ଚାଇଛନ୍ତି ଓ ନିଜର ଅସନ୍ତୋଷ ପ୍ରକଟ କରିଛନ୍ତି। ଫଳରେ ରାଜ୍ୟ ସରକାର ଶେଷ ମୁହୂର୍ତ୍ତରେ ଏହି ବିଲ୍ ବିଧାନସଭାରେ ଆଗତ କରିବାରୁ ଓହରି ଯାଇଛନ୍ତି।

୨୦୨୦ରେ ତତ୍‌କାଳୀନ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଶ୍ୱବିଦ୍ୟାଳୟ ଆଇନକୁ ବିଜେପି ବିରୋଧ କରିଥିଲା। ରାଜ୍ୟ ସରକାରଙ୍କ ଆଇନ ବିରୋଧରେ ହାଇକୋର୍ଟରେ ମାମଲା କରାଯାଇଥିଲା। ମାତ୍ର ହାଇକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀତିକୁ ସମର୍ଥନ କରିଥିଲେ ଏବଂ ଏହା ବିରୋଧରେ ଅଭିଯୋଗକାରୀ ସୁପ୍ରିମକୋର୍ଟ ଯାଇଥିଲେ। ଏହି ମାମଲା ସମ୍ପ୍ରତି ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ରାଜ୍ୟ ବିଜେପି ସରକାର ଏଥିରେ ସଂଶୋଧନ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଅଦାଲତୀ ମାମଲା ଯୋଗୁଁ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ ପଦ ସହ ବହୁ ସଂଖ୍ୟାରେ ନନ୍ ଟିଚିଂ ଷ୍ଟାଫ୍ ଖାଲି ପଡ଼ିଛି। ଏହି ସମସ୍ୟାର ସମାଧାନ ସରକାର କିପରି କରୁଛନ୍ତି, ତାହା ଉପରେ ସଭିଙ୍କର ନଜର ରହିଛି। ତେବେ ସଂଶୋଧନ ବିଲ୍ ଆଇନରେ ପରିଣତ ହେବା ପୂର୍ବରୁ ବିଧାନସଭାରେ ଏନେଇ ବ୍ୟାପକ ତର୍କ, ବିତର୍କ ଏବଂ ତର୍ଜମାର ଆବଶ୍ୟକତା ରହିଥିବାବେଳେ ସରକାର ଏହି ପ୍ରସଙ୍ଗରେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରିଛନ୍ତି।

### ସଂସଦରେ ଅଚଳାବସ୍ଥା...

କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କଂଗ୍ରେସ ଏହାର ଏଜେଣ୍ଟ ଭଳି କାମ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ଏହାର ଜବାବ ରଖିବା ଲାଗି ଅଧ୍ୟକ୍ଷ ଜଗଦୀପ ଧନଖଡ଼ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ଅନୁମତି ଦେବାରୁ ଗୃହରେ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଖଡଗେ କହିଥିଲେ ଯେ ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ଲାଗି ସରକାର ଏଭଳି ଅମୂଳକ କଥା କହୁଛନ୍ତି। ଧନଖଡ଼ଙ୍କ ବିରୋଧରେ ଖଡଗେଙ୍କ ସାମ୍ବାଦିକ ସମ୍ମିଳନୀରେ ବିଷୋଦଗାରକୁ ନେଇ ନଡ୍ଡା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଗୃହର ଅଧ୍ୟକ୍ଷଙ୍କ ପଦମର୍ଯ୍ୟାଦାର ଖଡଗେ ଅପମାନ କରିଛନ୍ତି। ବିରୋଧୀ ଦଳର ସଦସ୍ୟମାନେ ନଡ୍ଡାଙ୍କ ମନ୍ତବ୍ୟକୁ ବିରୋଧ କରି ହୋହଲ୍ଲା କରିଥିଲେ ଏବଂ ଶାସକ ଦଳ ମୂଳ ପ୍ରସଙ୍ଗରେ ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ଏହି ସମୟରେ ବିରୋଧୀଙ୍କ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ୬ଟି ପ୍ରଶ୍ନ ଉତଥାପନ କରାଯାଇ ତୁରନ୍ତ ଆଲୋଚନା କରିବାକୁ ଦାବି କରାଯାଇଥିଲା। ହେଲେ ଧନଖଡ଼ ଏହି ସମସ୍ତ ପ୍ରଶ୍ନକୁ ରଦ୍ଦ କରିଦେବା ପରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟକୁ ଚାଲି ଆସି ହଙ୍ଗାମା କରିଥିଲେ। ଫଳ।।ରେ ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

### ଚାଷୀଙ୍କ ଧାନ ଉଠାଣରେ...

କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଚାଷୀଙ୍କ ଅଭିଯୋଗ ମତେ ଏଫଏକ୍ୟୁ ଆଳରେ କୁଇଣ୍ଟାଲ ପ୍ରତି ୫କେଜି ଓ ବସ୍ତା ପିଛା ପାଖାପାଖି ୨ କେଜି କଟନି ଛଟନି ହୋଇଛି। ଅନ୍ୟପଟେ ଚାଷୀଙ୍କୁ ଅଖା ବସ୍ତା ମଧ ଦିଆଯାଉନାହିଁ। ଚାଷୀ ଅଖା ବସ୍ତା ନିଜେ କିଣି ଧାନ ଦେଉଥିବା ବେଳେ ମଣ୍ଡିକୁ ଆଣିଥିବା ଚାଷୀକୁ କଟନି ଛଟନି ଦେବା ପାଇଁ ବାଧ କରାଯାଉଛି। ଡବଲ ଇଞ୍ଜିନ ସରକାର ମଣ୍ଡିରେ ସମ୍ପୂର୍ଣ୍ଣ କଟନି ଛଟନି ବନ୍ଦ କହୁଥିବା ବେଳେ ଏଠି ଖୁଲମଖୁଲା ଚାଲିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖା ଦେଇଛି। ଏ ନେଇ ପୂଜା ଏଗ୍ରୋ ମିଲ୍‌ର ଏଜେଣ୍ଟ ଖୁସିରାମ ଲହଜାଲଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ଚାଷୀଙ୍କ ବୁଝାମଣାରେ କଟନି ଛଟନି ହେଉଛି ବୋଲି କହିଥିଲେ। ସେହିପରି ଘୋଟିଆ ମଣ୍ଡି ଖମାରହଳଦୀ ପେକ୍ସ ଦାୟିତ୍ୱରେ ଥିବା କ୍ରୟ ଅଧିକାରୀ ପଦ୍ମଲୋଚନ ଭୋଇଙ୍କୁ ପଚାରିବାରୁ ଚାଷୀ ଓ ମିଲର୍ସ ଏଜେଣ୍ଟ ତାଙ୍କ ଭିତରେ ସେମାନେ ବୁଝାମଣା ହେଇ ଯାହା କରୁଥିବେ। ଏ ବାବଦରେ କିଛି ଜଣାନାହିଁ ବୋଲି କହିଥିଲେ।

### ଛାତ୍ରଙ୍କ ପ୍ରାଣନେଲା...

ରୋଗ ହୋଇଥିବାରୁ ହଷ୍ଟେଲରେ ଅନ୍ୟ ପିଲାଙ୍କୁ ବ୍ୟାପିବାରେ ଆଶଙ୍କା ଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ବିଜୟଙ୍କୁ ଡାକି ପୁଅର ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ବିଜୟ ଆଜି ପୁଅକୁ ନେଇ ସାହାରପଡ଼ା ବଜାରରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। କିନ୍ତୁ ଦୋକାନୀଜଣଙ୍କ ଶୀଘ୍ର ଆରୋଗ୍ୟ ପାଇଁ ତାଙ୍କୁ ମଲମ ବଦଳରେ ଇଞ୍ଜେକ୍ସନ୍ ଦେଇଥିଲା। ଏହାର ମାତ୍ର ୨/୩ ମିନିଟ୍ ପରେ ଶୁକଦେବଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ବିଜୟ ସଂପୃକ୍ତ ଔଷଧ ଦୋକାନୀଙ୍କ ନାମରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଘଟଣା ପରେ ଔଷଧ ଦୋକାନୀଜଣଙ୍କ ଦୋକାନ ବନ୍ଦ କରି ଫେରାର୍ ହୋଇଯାଇଛି।

● ସପ୍ତାହରେ ୩ଟି ମାମଲା ରୁଜୁ

## ୩୫ଗ୍ରାମ ବ୍ରାଉନ ସୁଗର ଜବତ, ଜଣେ ଗିରଫ

**ଭଦ୍ରକ,୧୨ ।୧୨(ସମିସ):** ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶରେ ଜିଲ୍ଲାରେ ବେଆଇନ୍ ନିଶା କାରବାର ଉପରେ ପୁଲିସର ଚଢ଼ଉ ଜୋରଦାର ହେଉଛି । ଗତ ସପ୍ତାହ ମଧ୍ୟରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଓ ଟାଉନ ଥାନା ଇଲାକାରୁ ବ୍ରାଉନ ସୁଗର ଜବତ ହୋଇଥିବା ବେଳେ ପୁରୁଣାବଜାର ଥାନା ଅଞ୍ଚଳରୁ ପୁଣି ବ୍ରାଉନ ସୁଗର ଜବତ ହୋଇଛି । ଜିଲ୍ଲା ପୁଲିସ ଗୁଇନ୍ଦା ବିଭାଗ ସୂତ୍ରକୁ ଆଧାର କରି ଗତକାଲି ସହରାଞ୍ଚଳର ସନ୍ଥିଆ ବ୍ରିଜ ଉପରେ ସ୍କୁଟିରେ ଯାଉଥିବା ଜଣେ ଯୁବକ ଠାରୁ ୩୫ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଛି ପୁଲିସ । ଯାହାର ବଜାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି । ଏହି ଘଟଣାରେ ପୁରୁଣା ବଜାର ଥାନା ଅଧିନ ଶଙ୍କରପୁର ଗାଁର ଏସାନ ସାହା ନାମକ ଯୁବକକୁ ପୋଲିସ ଆଜି ଗିରଫ୍ କରି କୋର୍ଟଚାଲାଣ କରିଛି । ଏହି ମାମଲାରେ ୪ଟି ମୋବାଇଲ ଫୋନ୍ ଓ ସ୍କୁଟିକୁ ପୋଲିସ ଜବତ କରିଛି ବୋଲି ଆଜି ପୁରୁଣାବଜାର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ଏସ୍‌ପି(ଗୁଇନ୍ଦା)ଅଂଶୁମାନ ଦ୍ୱିବେଦୀ ଓ ପୁରୁଣା ବଜାର ଥାନା ଆଇଆଇସି ନିରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର




**ଭଦ୍ରକ,୧୨ ।୧୨(ସମିସ):** ଭଦ୍ରକ ବାଗୁରାଇ ସ୍ଥିତ ମା'ଦୁର୍ଗା କଲ୍ୟାଣ ମଣ୍ଡପରେ ଭଦ୍ରକ ରୋଟାରୀ ମିଡ୍‌ଟାଉନ ପକ୍ଷରୁ ଆଦର୍ଶ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ପାର୍ବତୀ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱର କେୟାର ହସ୍ପିଟାଲ ଦ୍ୱାରା ଏକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ହୃଦ୍‌ରୋଗ, ଭେଷଜ, ପଲମୋନାରୀ ଓ କ୍ୟାନସର ପରି ରୋଗର ଚିକିତ୍ସା ପରାମର୍ଶ ମାଗଣାରେ ରୋଗୀ ମାନଙ୍କୁ ଉପଲବ୍ଧ କରାଯାଇଥିଲା । ଏଥିସହିତ ରକ୍ତ ସର୍କରା, ଉଚ୍ଚ ରକ୍ତଚାପ ପରି ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା । ଏଥିରେ ଶହେରୁ ଅଧିକ ରୋଗୀ ମାଗଣାରେ ଚିକିତ୍ସା ସୁବିଧା ପାଇଥିଲେ । ଶିବିର ପ୍ରାରମ୍ଭରେ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ରୋଟାରିଆନ୍ ଡ.ଶିଶିର କୁମାର ମିଶ୍ର ସଂଚାଳନ କରିଥିଲେ । ସମସ୍ତ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ରୋଟାରିଆନ୍ ପ୍ରୀତିରଞ୍ଜନ ଜେନା ରଖିଥିଲେ । ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରୋଗୀମାନଙ୍କୁ ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା କରିଥିଲେ । ସମ୍ପାଦକ ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ । ଉକ୍ତ ପରୀକ୍ଷା ଶିବିରରେ ରୋଟାରିଆନ୍ ଅଶୋକ ବିଶ୍ୱାଳ, ମହେଶ ନାୟକ, ଅତିସ ବେହେରା, ବେଦପ୍ରକାଶ ଗୁପ୍ତା, ରତନ ଗୁପ୍ତା, ଅନିରୁଦ୍ଧ ପଣ୍ଡା, ଅନିଲ ଦେ, ପବିତ୍ର ଖିଲାର, ଅଶୋକ ଲଖାନୀ, ରାହୁଲ ଖେରିଆ, ସମିତା ମିଶ୍ର, ପ୍ରତିଭା ପଣ୍ଡା, ସଙ୍ଗୀତା ଦେ, ଚଇତାଳି ଖିଲାର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଭଦ୍ରକ,୧୨ ।୧୨(ସମିସ):** ଭଦ୍ରକ ରାନ୍ଦିଆ ନରସିଂହପୁର ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ବୀଣାପାଣି ପ୍ରଧାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ସେ ଜଣେ ମେଳାପୀ, ପରୋପକାରୀ ତଥା ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ । ବିଭିନ୍ନ ପୁସ୍ତକ ସହିତ ଏକାଧିକ ଖବର କାଗଜ ପଢ଼ିବା ଥିଲା ତାଙ୍କର ଦୈନିକ ଅଭ୍ୟାସ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୩ପୁତ୍ର, ନାତିନାତୁଣୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଗ୍ରାମଦେବତୀଙ୍କ ବାର୍ଷିକ ଉତ୍ସବ



**ବାରିକପୁର,୧୨ ।୧୨ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ପୁସ୍ତମପୁର ଠାରେ ମା' ଗ୍ରାମଦେବତୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜକ ନନ୍ଦକିଶୋର ତ୍ରିପାଠୀ ବୈଦିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ପ୍ରତ୍ୟୁଷରୁ ପୀଠରେ ଗ୍ରାମଦେବତୀଙ୍କ ସ୍ନାନ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ପରେ ସୂର୍ଯ୍ୟ ପୂଜା ଓ ସନ୍ଧିପୂଜା, ଚଣ୍ଡୀ ପାଠ ଆୟୋଜନ ହୋଇଥିଲା । ଏହାଛଡା ହୋମଯଜ୍ଞ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ବିଦ୍ୟାଧର ଧଳ ଓ ସଞ୍ଜୁଲତା ଧଳ ଦାୟିତ୍ୱ ନିର୍ବାହ କରିଥିଲେ ।

ତ୍ୟାଗଭୂମି ମହୋତ୍ସବର ୩ୟ ସନ୍ଧ୍ୟା

# 'ସାହିତ୍ୟରେ ନାରୀମାନଙ୍କ ପ୍ରଭାବ ଖୁବ ସଂଘର୍ଷମୟ'



**ଭଦ୍ରକ,୧୨ ।୧୨(ସମିସ)**

ଆଜି ଜିଲ୍ଲା ସାଂସ୍କୃତିକ ସମ୍ମେଳନ ତ୍ୟାଗଭୂମି ମହୋତ୍ସବର ୩ୟ ସନ୍ଧ୍ୟାରେ ବକ୍ତାମାନେ ଯୋଗଦେଇ ପୁରୁଷ କେନ୍ଦ୍ରିକ ସମାଜରେ ସାହିତ୍ୟରେ ନାରୀମାନଙ୍କର ପ୍ରଭାବ ଖୁବ ସଂଘର୍ଷମୟ ବୋଲି ମତ ଦେଇଛନ୍ତି । ଭଦ୍ରକ ମଠସାହି ନୂଆ ବସ୍‌ଷ୍ଟାଣ୍ଡ ନିକଟ ଗୋପାଳଜୀଉ ମଠ ପଡିଆରେ ତ୍ୟାଗଭୂମି ମହୋତ୍ସବର ଆଜିର ମଞ୍ଚ ନାରୀମାନଙ୍କ ପାଇଁ ସମର୍ପିତ ଥିଲା । 'ପରୀ ବେୱା ମଞ୍ଚ' ନାମରେ ମଞ୍ଚ ନାମିତ କରାଯାଇଥିଲା । ଆଲୋଚ୍ୟ ବିଷୟ ଥିଲା "ସାହିତ୍ୟରେ ନାରୀମାନଙ୍କର ପ୍ରଭାବ' । ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ସଭାନେତ୍ରୀ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଝରଣା ପଟ୍ଟନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଇଂରାଜୀ ବିଭାଗର ପ୍ରାଧ୍ୟାପିକା ମୁଖ୍ୟଅତିଥି, ସୋସୋ କଲେଜ ଓଡ଼ିଆ ବିଭାଗ ପ୍ରାଧ୍ୟାପିକା ଡ. ମମତା ସାହୁ ମୁଖ୍ୟବକ୍ତା ଭାବରେ ଓ କବୟିତ୍ରୀ ଗୀତାରାଣୀ ଆଇଚି ଯୋଗ ଦେଇଥିଲେ । ସବୁଜ କବି ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସୁଶ୍ରୀ ବସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କବୟତ୍ରୀ ଗୀତାରାଣୀ ଆଇଚଙ୍କର ପୁସ୍ତକ "ଆଲୋକର ସଂଧାନରେ ଓ ଅନ୍ୟାନ୍ୟ ଅନୁବାଦ କାହାଣୀ" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଭଦ୍ରକ ମନମୋହନ ସଂଗୀତ ପରିଷଦ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଶୋକ କୁମାର ମହାନ୍ତି, ସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ଅଶୋକ ଦ୍ୱିବେଦୀ, ଲଲାଟେନ୍ଦୁ ମଲିକ, ଡାକ୍ତର ପ୍ରଦୀପ ନାୟକ, ମନୋରଞ୍ଜନ ଦାସ, ବିପ୍ଳବ ହୋତା, ଲଲାଟ ମଲିକ, ଗୌରାଙ୍ଗ ବାରିକ, ଅଧ୍ୟାପକ ପବିତ୍ର ପାଣିଗ୍ରାହୀ, ସୁଶାନ୍ତ ମହାପାତ୍ର, ମଦନମୋହନ ନାୟକ, ବିଚିତ୍ରାନନ୍ଦ ମହାନ୍ତି, ପଦ୍ମନ ରାୟ, ଶାନ୍ତନୁ ରାଉତ, ବସନ୍ତ ପାଣିଗ୍ରାହୀ, ଉମାକାନ୍ତ ମଲିକ, ପ୍ରଭାତ ବିଜୟ, ଲକ୍ଷ୍ମୀକାନ୍ତ ବାରିକ, ସଞ୍ଜୟ ମାଝୀ, ଦୀପକ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ସିନିଅର୍ ଇଣ୍ଟ୍ରାଂ କ୍ଲବ୍ କ୍ରିକେଟ୍ ଉଦ୍‌ଯାପିତ

## ପୂର୍ବତଟ ରେଳପଥ ଚାମ୍ପିଅନ୍




**ଭଦ୍ରକ,୧୨ ।୧୨(ସମିସ):** ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ସିନିଅର୍ ପୁରୁଷ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ ରେଳବାଇ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ୍ ମ୍ୟାଚରେ ଭଦ୍ରକ ପୂର୍ବତଟ ରେଳପଥ ୯୯ ରନ୍‌ରେ କଳିଙ୍ଗ କ୍ଲବକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ପୂର୍ବତଟ ରେଳପଥ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୨୫୪ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ କଳିଙ୍ଗ କ୍ଲବ୍ ୩୬ ଓଭର ଖେଳି ୧୦ ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା । ପୂର୍ବତଟ ରେଳପଥ ତରଫରୁ ବୋଲିଂ କରି ନିହାର ଭୂୟାଁ ୬ ୱିକେଟ୍ ଅକ୍ତିଆର୍ କରିଥିଲେ । ଲଲାଟକେଶରୀ ନନ୍ଦ ଓ ସତ୍ୟରଞ୍ଜନ ସାବସ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନ ଉତ୍ସବରେ ଜିଲ୍ଲାପାଳ ଦିଲୀପ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆସୋସିଏସନର ସଭାପତି ଉପେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ କରିଥିଲେ । ସାଧାରଣ ସଂପାଦକ ଧିରେନ୍ ପଲାଇ କ୍ରିକେଟ୍ ବିବରଣୀ ଉପସ୍ଥାପନ କରିଥିଲେ । ଏଥିରେ ନିହାର ରଞ୍ଜନ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ବେଷ୍ଟ ବୋଲର, ଆକାଶ ମହାପାତ୍ରଙ୍କୁ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଓ ବେଷ୍ଟ ବ୍ୟାଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆସୋସିଏସନର ୨ଜଣ ବରିଷ୍ଠ ସଦସ୍ୟ ଯତିକାନ୍ତ ନାୟକ, କିଶୋର ମହାପାତ୍ର ତଥା ଜିଲ୍ଲାର ଜଣେ ପୂର୍ବତନ କ୍ରିକେଟର୍ ଅଶୋକ କୁମାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ଓଡିଶା ରଣଜି ଟିମ୍‌ରେ ସ୍ଥାନ ପାଇଥିବା ହର୍ଷିତ୍ ରାଠୋର, ଅଣ୍ଡର-୨୩ ଟିମ୍‌ରେ ସୂର୍ଯ୍ୟ ମହାପାତ୍ର, ଅଣ୍ଡର-୧୯ ଟିମ୍‌ରେ ଆକାଶ ମହାପାତ୍ର, ଓଡିଶା ସିନିୟର୍ ମହିଳା ଦଳରେ ଅର୍ଚ୍ଚନା ରାଉତ, ଅଣ୍ଡର-୧୯ ମହିଳା ଦଳରେ ଅନନ୍ୟା ରାଉତଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଆସୋସିଏନର ସଦସ୍ୟ ନରେନ୍ ପଲାଇ, ଭବତୋଷ ଦାସ ଓ ନୀଳମାଧବ ଦାସ, ଦିଲିପ୍ ନାୟକ, ବ୍ୟୋମକେଶ ସେନାପତି, ରବିନାରାୟଣ ପାଣିଗ୍ରାହୀ, ପାର୍ଥସାରଥ ରାୟ, ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ଅତିଶ ବେହେରା, ତୁଷାରକାନ୍ତ ଦାସ, ସଞ୍ଜିବ୍ ଦାସ, ସୁଦାମ ନାୟକ, ସୁଶିଲ ପଟ୍ଟନାୟକ, ଯଦୁନାଥ ସ୍ୱାଇଁ, ଗୌରାଙ୍ଗ ମହାପାତ୍ର, ବିଜୟ ଗୁପ୍ତା, ବେଦ ପ୍ରକାଶ ଗୁପ୍ତା, ସନାତନ ସାହୁ, ସୋମନାଥ ସାହୁ, ଦିଲିପ୍ ନାୟକ, ରାଇମୋହନ ମହାପାତ୍ର, ଲକ୍ଷ୍ମୀଧର ଜେନା, ବ୍ରଜନାରାୟଣ ଜେନା, ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବିନା ସାମ୍ନା କାଚରେ ଚାଲୁଥିଲା ଗାଡ଼ି

## 'ଶ୍ରୀକୁଞ୍ଜ' ବସ୍‌ର ଫିଟ୍‌ନେସ୍ ରଦ୍ଦ




**ଭଦ୍ରକ,୧୨ ।୧୨(ସମିସ):** ଆଜି ମଧ୍ୟାହ୍ନ ୧୨ଟା ବେଳେ ମୋଟର ଯାନ ଚେକିଂ ସମୟରେ ସାମ୍ନା କାଚ ନଥାଇ ବିପଦ ସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରୁଥିବା ଏକ ଶ୍ରୀକୁଞ୍ଜ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ଓଡିଠଏଭି ୮୭୮୭)କୁ ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଜବତ କରାଯାଇଛି । ଉକ୍ତ ଯାତ୍ରୀବାହୀ ବସ୍‌ଟି ବାଲେଶ୍ୱରରୁ ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱର ଯାଉଥିବା ବେଳେ ୧୬ନମ୍ବର ଜାତୀୟ ରାଜପଥର ଚରମ୍ପା ଓଭରବ୍ରିଜ ଠାରେ ତାକୁ ଜବତ କରାଯାଇଥିଲା । ଉକ୍ତ ବସ୍ ବିନା ସାମ୍ନା କାଚରେ ଯାଉଥିବାରୁ ଏହା ବିରୁଦ୍ଧରେ ମାମଲା ରୁଜୁ କରାଯାଇ ୧୦ହଜାର ଟଙ୍କା ଜରିମାନା ସହ ବସ୍‌ଟିକୁ ଜବତ କରି ରଖାଯାଇଛି । ସେହିଭଳି ଉକ୍ତ ଯାତ୍ରୀବାହୀ ବସ୍ ଶ୍ରୀକୁଞ୍ଜର ଫିଟ୍‌ନେସ୍‌କୁ ମଧ୍ୟ ପରିବହନ ବିଭାଗ ପକ୍ଷରୁ ରଦ୍ଦ କରାଯାଇଛି । ଉକ୍ତ ବସ୍‌ରେ ଯାଉଥିବା ଯାତ୍ରୀ ମାନଙ୍କୁ ଅନ୍ୟ ଏକ ବସ୍ ଯୋଗେ ପରିବହନ ବିଭାଗ ପକ୍ଷରୁ ପଠାଇ ଦିଆଯାଇଛି । ଚଢ଼ଉ ବେଳେ ଆର୍‌ଟିଓ ବାମଦେବ ସାହୁ, ଟ୍ରାଫିକ ସବଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର ଓ ଏଏସଆଇ ଶ୍ୟାମସୁନ୍ଦର ନାୟକ ଉପସ୍ଥିତ ଥିଲେ ।

● ଭୂତ ଖାଉଛି ରାସନ

## ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

**ବନ୍ତ/ଆଗରପଡ଼ା,୧୨।୧୨(ସମିସ):** ବନ୍ତ ବ୍ଲକ ବଡ଼ହାଟ-ତ୍ରିଲୋଚନପୁର ପଞ୍ଚାୟତରେ ଭୂତ ରାସନ ଖାଉଥିବା ଅଭିଯୋଗ ଆସିବା ପରେ ବ୍ଲକ ଉନ୍ନୟନ ଅଧିକାରୀ ଏହାର ତଦନ୍ତ ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦୨୩ ମସିହା ଜାନୁଆରୀ ପହିଲା ଠାରୁ ୨୦୨୪ ମସିହା ନଭେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତରେ ୫୧ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି । ପରଲୋକ ଘଟିବା ପରେ ଉକ୍ତ ପରିବାରକୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଛି । କିନ୍ତୁ ୫୧ଜଣ ମୃତ ବ୍ୟକ୍ତିଙ୍କ ପରିବାର ମଧ୍ୟରୁ ବହୁ ପରିବାର ଆଜିବି ରାସନ ତାଲିକାରୁ ମୃତକଙ୍କ ନାମକୁ ବାଦ ନକରି ତଞ୍ଚକତା କରି ରାସନ ସାମଗ୍ରୀ ହାତଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଥିଲା । ଏହା ଜଣାପଡ଼ିବା ପରେ ସୂଚନା କର୍ମୀ ଶ୍ରୀ ଧଳ ୫୧ ଜଣ ମୃତକଙ୍କ ତାଲିକା ସହିତ ଏହାର ସତ୍ୟତା ପାଇଁ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ ଆଣିଥିଲେ । ସୂଚନା ଅଧିକାର ଆଇନ ବଳରେ ଏହାର ସବିଶେଷ ତଥ୍ୟ ମାଗିଥିଲେ । ବିଡିଓ ତାଙ୍କ ଅଭିଯୋଗକୁ ଗ୍ରହଣ କରି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୯୦୭/୧୨-୧୨-୨୪ରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ବନ୍ତ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରିନଥିବାରୁ ଏହା ଭିତରେ ମୃତ ବ୍ୟକ୍ତି ମଧ୍ୟ ସାମିଲ ଥିବେ । ତେଣୁ ତଞ୍ଚକତା କରି ରାସନ ହାତଉଥିବା ପରିବାରଙ୍କୁ ତଦନ୍ତ ପରିସରଭୂକ୍ତ କରି ପ୍ରକୃତ ହିତାଧିକାରୀ ଯେପରି ରାସନ ପାଇବାରୁ ବଞ୍ଚିତ ନ ହୁଅନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତ ବେଳେ ସେଥିପ୍ରତି ଧ୍ୟାନ ଦେବା ସହ ତଦନ୍ତରେ ସ୍ୱଚ୍ଛତା ଆଣିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ମାଟିମାଫିଆଙ୍କ କବଜାରେ ଧାମନଗର



**ଅସୁରାଳି,୧୨ ।୧୨(ସମିସ):** ଧାମନଗର ବ୍ଲକର ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ବେଆଇନ୍ ଭାବରେ ଜେସିପି ଦ୍ୱାରା ମାଟି ଉଠାଇ ବିକ୍ରି କରାଯାଉଛି । ଏଥି ପ୍ରତି ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଭଳି ଜଣାପଡୁଛି । ପ୍ରତି ଦିନ ଶହ ଶହ ସଂଖ୍ୟାରେ ଟ୍ରାକ୍ଟର ମାଟି ବୋହିବା ବେଳେ ଏକ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛନ୍ତି । ନିଜ ନିଜ ଭିତରେ କିଏ ଅଧିକ ଟ୍ରିପ୍ କରି ପାରିବ ସେଥିପାଇଁ ପ୍ରତିଯୋଗିତା କରି ରାସ୍ତା ଉପରେ ଭୟଙ୍କର ଶବ୍ଦ କରି ଟ୍ରାକ୍ଟର ଚଳାଉଛନ୍ତି । ଯାହା ଫଳରେ ଅନ୍ୟ ଯାତାୟତ କରୁଥିବା ଅନ୍ୟ ଗାଡ଼ି, ସାଇକଲ, ମୋଟର ସାଇକଲ ଏମିତିକି ପାଦରେ ଚାଲୁଥିବା ବ୍ୟକ୍ତିମାନେ ଭୟଭୀତ ହେବା ସହିତ ବିପଦରେ ପଡୁଛନ୍ତି । ସ୍କୁଲ୍, କଲେଜ୍ କୁ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ଭୟ ପାଉଛନ୍ତି । ଧାମନଗର ବ୍ଲକ୍‌ରେ ପ୍ରବାହିତ ହେଉଥିବା ବୈତରଣୀ, ଗେଙ୍ଗୁଟି, ରେବ, କପାଳି ଇତ୍ୟାଦିର ଅବବାହିକାରୁ ଖୁଲମଖୋଲା ମାଟି ଓ ବାଲି ଚାଲାଣ ଚାଲୁଛି ।

ଗ୍ରାମ୍ୟ ଜଳଯୋଗାଣ ଡିଭିଜନରେ ଦୁର୍ନୀତି

## ତଦନ୍ତ କଲେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ



**ଭଦ୍ରକ,୧୨ ।୧୨(ସମିସ):** ଭଦ୍ରକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଡିଭିଜନର ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ସାଧାରଣ ଅଭିଯୋଗ ସମାଧାନ ଓ ପରିଚାଳନା ବିଭାଗ (ସିପିଜିଆରଏମ୍ / ସେଣ୍ଟ୍ରାଲାଇଜ ପବ୍ଲିକ ଗ୍ରିଭାନସ ରିଡ୍ରେସ ଏଣ୍ଡ ମନିଟରିଂ ସିଷ୍ଟମ) ଜରିଆରେ ଡିଭିଜନ ଅଧିକାରୀଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ଅଭିଯୋଗ ଦରଜ (ନଂ ୦୦୧୧୯୭୫) ହେବା ପରେ ବାଲେଶ୍ୱରସ୍ଥ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନାରାୟଣପ୍ରସାଦ ଗାନ୍ଧୀ ଭଦ୍ରକରେ ପହଞ୍ଚି ତଦନ୍ତ କରିଛନ୍ତି । ଅତିରିକ୍ତ ମୁଖ୍ୟଯନ୍ତ୍ରୀ ମଧ୍ୟାହ୍ନରେ ଭଦ୍ରକ ଡିଭିଜନ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଅଭିଯୋଗକାରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ । ଅଭିଯୋଗ ପତ୍ରରେ ରହିଥିବା ସତଥ୍ୟ ଅଭିଯୋଗ ବାବଦରେ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ, ହିସାବ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ଉଲ୍ଲେଖନୀୟ ଯେ, ଡିଭିଜନରେ ଠିକାଦାରଙ୍କୁ ବିଲ ପଇଠରେ ପାତର ଅନ୍ତର କରାଯାଉଥିବା, ରୟାଲଟି ଓ ପେନାଲଟି ଅସୁଲରେ ପାତର ଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି । ସମାନ ଧରଣର କାର୍ଯ୍ୟ ପାଇଁ ଠିକାଦାରଙ୍କୁ ବିଲ ପଇଠରେ ଭିନ୍ନଭିନ୍ନ ନୀତି ଆପଣାଉଥିବା ନେଇ ଉଦାହରଣ ସହ ତଥ୍ୟ ଅଭିଯୋଗ ପତ୍ରରେ ରହିଛି । ନିର୍ମାଣ କାର୍ଯ୍ୟର ମାପଚୁପ ତାରିଖ (ମେଜରମେଣ୍ଟ ତାରିଖ) ଓ ବିଲ ପଇଠ ତାରିଖ ମଧ୍ୟରେ କେମିତି ତାରତମ୍ୟ ରହିଛି ସେବାବଦରେ ତଥ୍ୟ ସହ ଅଭିଯୋଗ କରାଯାଇଛି । ସେହିଭଳି ପ୍ରକଳ୍ପ କାର୍ଯ୍ୟଶେଷ ପରେ ଠିକାଦାରଙ୍କୁ ସମ୍ପୂର୍ଣ୍ଣ ବିଲ ପଇଠ କରିବାରେ ପୃଥକ ନୀତି ଆପଣାଯାଉଥିବା ନେଇ ଅଭିଯୋଗ ରହିଛି । କାହାକୁ ୮୦ ପ୍ରତିଶତ କାହାକୁ ୯୦ ପ୍ରତିଶତ ପୁଣି କାହାକୁ ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ବିଲ ପଇଠ କରାଯାଇଛି । ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ଓ ଠିକାସଂସ୍ଥାକୁ ପଇଠ ହୋଇଥିବା ବିଲ ବାବଦରେ ତଥ୍ୟ ସହ ଅଭିଯୋଗ କରାଯାଇଛି । ଠିକାଦାର ଅଧିକାରୀଙ୍କ ଦାବି ପୂରଣ ନକଲେ ତାଙ୍କୁ ହଇରାଣ କରାଯାଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି । ତେବେ ଏଭଳି ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ବୟାନ ଦେବାକୁ ଅଧୀକ୍ଷଣ ଯନ୍ତ୍ରୀ ବିନୟ ରାଉତ ଏଡାଇ ଯାଇଥିବା ବେଳେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଗାନ୍ଧି 'ତଦନ୍ତ ଚାଲିଛି, ତଦନ୍ତ ନସରିବା ଯାଏ କିଛି ସୂଚନା ଦେଇ ହେବନି ବୋଲି କହିଥିଲେ । ତେବେ ଡିଭିଜନ ବିରୋଧରେ ଅନୁରୂପ ଅଭିଯୋଗ ବାଲେଶ୍ୱର ଭିଜିଲାନସ କାର୍ଯ୍ୟାଳୟକୁ ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି ।

● ଜାଲ୍ ପ୍ରମାଣ ପତ୍ରରେ ୨୨ ବର୍ଷ ଚାକିରି

## ବିଇଓଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଲେ ଡିଓଓ

**ଭଦ୍ରକ,୧୨।୧୨(ସମିସ):** ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଜାଲ ପ୍ରମାଣ ପତ୍ରରେ ଚାକିରି କରୁଥିବା ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ତାଙ୍କର ଏତାଦୃଶ କାର୍ଯ୍ୟକଳାପକୁ ନେଇ ତାଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ତାହାର ଉତ୍ତର ରଖିବା ସହ ଅଭିଯୁକ୍ତଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହାର ସବିଶେଷ ବିବରଣୀ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଶେଷରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ସୂଚନା ଅଧିକାର କର୍ମୀ ବିକାଶ ଧଳ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ପତ୍ର ସଂଖ୍ୟା ୧୦୦୭୧/୩୦-୧୦-୨୪ରେ ବ୍ଲକ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ତଥ୍ୟ ପ୍ରଦାନ ନିମନ୍ତେ ଅବଗତ କରାଇଥିଲେ । ପତ୍ରର ଉତ୍ତରରେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକଙ୍କ ପ୍ରମାଣପତ୍ରକୁ ଯାଞ୍ଚ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପଠାଯାଇଥିବା କହିବା ସହିତ ଏହାର ଉତ୍ତରକୁ ଅପେକ୍ଷା କରିଥିବା ଉଲ୍ଲେଖ କରିଥିବା ଜଣାପଡ଼ିଥିଲା । କିନ୍ତୁ ମାସ ମାସ ପରେ ମଧ୍ୟ ଯାଞ୍ଚ ରିପୋର୍ଟ ନଆସିବା ବିଇଓଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହିତ ସେ ପରୋକ୍ଷରେ ଉକ୍ତ ଶିକ୍ଷକ ଦ୍ୱୟଙ୍କୁ ସହଯୋଗ କରୁଥିବା ସନ୍ଦେହ ଘେରକୁ ଟାଣୁଛି । ତେଣୁ ଜିଲ୍ଲା ଶିକ୍ଷାଧିକାରୀ ବିଇଓଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ ତାଙ୍କୁ ପତ୍ର ମଧ୍ୟ କରିଛନ୍ତି । ଏଠାରେ ପ୍ରକାଶ ଥାଉକି; ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଶିକ୍ଷା ବିଭାଗ ଅର୍ନ୍ତଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ସିଂପୁରରେ ଜନୈକ ଦୀନବନ୍ଧୁ ସେଠୀ ନାମକ ସହକାରୀ ଶିକ୍ଷକ ଓ କରଣପୋଖରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଦ୍ୟାଧର ନାୟକ ଜାଲ ପ୍ରମାଣ ପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା । ଉକ୍ତ ସୂଚନା ସୂଚନା ଅଧିକାର କର୍ମୀ ବିକାଶ ଧଳ ସୂଚନା ଅଧିକାର ଆଇନ ବଳରେ ହାସଲ କରିଥିଲେ ।



# ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ



ବସ୍ତା ଡାକ୍ତରଖାନା

ରାଜଘାଟ, ୧୨।୧୨(ସମିସ): ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ମାନଙ୍କୁ ଚିକିତ୍ସାରେ ଅବହେଳା ଏବଂ ରୋଗୀ ମାନଙ୍କ ପ୍ରତି ଜନୈକ ଡାକ୍ତରଙ୍କ ଦୁର୍ବ୍ୟବହାର ଓ ସିକ୍ୟୁରିଟି ଗାର୍ଡ ଡାକି ରୋଗୀଙ୍କୁ ତଡି ଦେବା ଘଟଣା ନେଇ ବସ୍ତା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏ ନେଇ ଗୁରୁବାର ବାଲେଶ୍ୱର ଜିଲ୍ଲା ଦେବସେନା ପକ୍ଷରୁ ବାହାର୍ଦ୍ଦା ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇଟି ସେଲ ଅଧ୍ୟକ୍ଷ ସତ୍ୟରଞ୍ଜନ ପାଣିଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦେବସେନା ଜିଲ୍ଲା ସଭାପତି ଶଙ୍କର ଜେନା ଗତ ୬ ତାରିଖରେ ଅସୁସ୍ଥ ହୋଇ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ନିଜର ଦେହ ଅସୁସ୍ଥ କଥା ଡାକ୍ତରଙ୍କୁ କହିବା ପରେ ଡାକ୍ତର ବାବୁ କୌଣସି ପରୀକ୍ଷା ନ କରି ତାଙ୍କୁ ଆପେଣ୍ଡି ସାଇଡ ହୋଇଛି ବୋଲି ବାଲେଶ୍ୱରକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ଜେନା ଅମ୍ଳ ହୋଇଥିବା କହିବା ପରେ ଡାକ୍ତର ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହିତ ସିକ୍ୟୁରିଟି ଡାକି ବାହାର କରିବାକୁ ତାଗିଦ କରିଥିଲେ। ଏ ନେଇ ଶ୍ରୀ ଜେନା ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦେବବ୍ରତ ଜେନାଙ୍କୁ ଅବଗତ କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିକାର ହୋଇ ପାରିଲା ନାହିଁ। ତେବେ ଡାକ୍ତର ଖାନାରେ ମଳ ମୂତ୍ର ଓ ରକ୍ତ ନମୂନାର ପରୀକ୍ଷା ହେବାରେ ଅନିୟମିତତା, ସମ୍ପୃକ୍ତ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି, ବିଭିନ୍ନ ବିଭାଗରେ ଡାକ୍ତର ନାହାନ୍ତି, ପୁଣି ରୋଗୀ ମାନଙ୍କୁ ଚିକିତ୍ସାରେ ଅବହେଳା, ରାତ୍ରିରେ ରୋଗୀ ମାନଙ୍କୁ ଖାଦ୍ୟ ଦେବାରେ ବ୍ୟତିକ୍ରମ କରାଯାଉଛି। ଏହି ସବୁ ମୌଳିକ ସମସ୍ୟାର ସମାଧାନ ପାଇଁ ଦେବସେନା ପକ୍ଷରୁ ବସ୍ତା ଡାକ୍ତରଖାନାର ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି ହୋଇଛି। ତେବେ ଦେବସେନା ଜିଲ୍ଲା ସଭାପତି ଶଙ୍କର ଜେନା ବସ୍ତା ଥାନା ଅଧିକାରୀଙ୍କୁ ଏକକିତା ଦରଖାସ୍ତ ପ୍ରଦାନ କରିବା ସହିତ ସିଡିଏମଓ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଡାକ ଯୋଗେ ଅଭିଯୋଗ ପତ୍ର ପ୍ରେରିତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦେବସେନା ଜିଲ୍ଲା ସଭାପତି ଶଙ୍କର କୁମାର ଜେନା, କୁମୁନ୍ଦ ରଞ୍ଜନ ଗିରି, ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ସେବା ପ୍ରକୋଷ୍ଠ ଅଧ୍ୟକ୍ଷା ଝରଣା ସାମଲ, ଗୋ ସୁରକ୍ଷା ଅଧ୍ୟକ୍ଷ ମନୋଜ ସାମଲ, ମହେଶ୍ୱର ପଣ୍ଡା, ସୁଦାମ ଚରଣ ଗାଣ, ଉମେଶ ଚନ୍ଦ୍ର ବେହେରା, ଅଶୋକ ମିଶ୍ର, ବାପିଦାସ, ସିଦ୍ଧେଶ୍ୱର ମହାପାତ୍ର ପଞ୍ଚାୟତ ମହା ସଚିବ କାଳିପଦ ଆଗୁଆନ ଉପସ୍ଥିତ ଥିଲେ। ତେବେ ଏହି ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ଦେବସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅସହାୟ ପରିବାରକୁ ଚଣ୍ଡୀମାତା ଫାଉଣ୍ଡେସନର ସହାୟତା

ଖଇରା, ୧୨।୧୨ (ସମିସ): ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଶ୍ୟାମସୁନ୍ଦରପୁର ଗ୍ରାମର ସନ୍ତୋଷ ସାହୁ ଗଣ୍ଡିବେଡ ବଜାରରେ ଉଠା ଚାଟ୍ ଦୋକାନ ଟିଏ କରି ଘର ଚଳାଉଥିବା ବେଳେ କିଛିଦିନ ତଳେ ଲିଭର୍ କ୍ୟାନ୍ସରରେ ପ୍ରାଣ ହରାଇଲେ। ଏବେ ସନ୍ତୋଷଙ୍କ ସ୍ତ୍ରୀ ସସ୍ମିତା, ତାଙ୍କର ଚାରି ଝିଅ, ବୃଦ୍ଧା ମା' ଆଉ ବିକଳାଙ୍ଗ ଭଉଣୀ ଅଛନ୍ତି। ପରିବାରରେ କେହିବି ରୋଜଗାରିଆ ବ୍ୟକ୍ତି ନ ଥିବାରୁ ପରିବାର ଚଳେଇବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗୁଜୁରାଣ ମେଣ୍ଟାଇବାକୁ ପରିବାର ମୁଣ୍ଡରେ ବୋଝ ପଡ଼ିଛି। ପରିବାର ଲୋକ ନନ୍ଦୁରସ୍ଥିତ ଚଣ୍ଡୀମାତା ଫାଉଣ୍ଡେସନକୁ ଜଣାଇବା ପରେ ସଂଗଠନର ଉପଦେଷ୍ଟା ବୁଦ୍ଧିରାମ ପାଣିଗ୍ରାହୀ, ବିଶ୍ୱନାଥ ପ୍ରଧାନ, ଜୟନ୍ତ ବିଶ୍ୱାଳ, ସତ୍ୟଜିତ ଭାଇ, ଗୌତମ ନାୟକ, ଅନାଦି ଧଡା, ସୁଶାନ୍ତ ବିଶ୍ୱାଳ. ହରିଶ ମହାନ୍ତି, କ୍ରିଷ୍ଣା ବିଶ୍ୱାଳ ପ୍ରମୁଖ ପରିବାରକୁ ଭେଟି ସହଯୋଗର ହାତ ବଢ଼ାଇଛନ୍ତି। ଏଥିସହ ଗୋଟେ ମାସ ପାଇଁ ତେଜ ରାତି ସାମଗ୍ରୀ, ପନି ପରିବା ଏବଂ ଖର୍ଚ୍ଚ ପାଇଁ କିଛି ଟଙ୍କା ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଗଣ୍ଡିବେଡ ବଜାର ରେ ଚା' ଦୋକାନ କରି ପରିବାର ଚଳାଉଥିବା ସନ୍ତୋଷଙ୍କ ବାପା ସୁଦର୍ଶନ ଅସୁସ୍ଥତା କାରଣରୁ ୧ବର୍ଷ ତଳେ ଆଖିବୁଜିଥିଲେ।



## ଜାତୀୟ କ୍ୱାଲିଟି ନିଶ୍ଚିତତା ମାନକ ନିର୍ଦ୍ଧାରଣ କାର୍ଯ୍ୟକ୍ରମ



ଜଳେଶ୍ୱର, ୧୨।୧୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଦିନିଆ ଜାତୀୟ କ୍ୱାଲିଟି ନିଶ୍ଚିତତା ମାନକ ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗତ ୯ ଓ ୧୦ ତାରିଖ ଆର୍ମ ସଂଗଠନ ଦ୍ୱାରା ପରିଚାଳିତ ପଶ୍ଚିମବାର୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ସ୍ତରରୁ ଆସିଥିବା ଜାତୀୟ କ୍ୱାଲିଟି ନିଶ୍ଚିତତା ମାନକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମାନ ନିର୍ଦ୍ଧାରକ ଡାକ୍ତର ବାଲାଜୀ ବୋଡ, ଡାକ୍ତର ରାମଶଙ୍କର ରାଜ୍ୟ ସ୍ତରରୁ ଆସିଥିବା ଡାକ୍ତର ବିଜୟ କୁମାର, ଜିଲ୍ଲା ସ୍ତରରୁ ଆସିଥିବା କ୍ୱାଲିଟି ମ୍ୟାନେଜର ସଞ୍ଜୟ ପରିଡ଼ା, ଶରତ ମହାପାତ୍ର, ହାତିଗର୍ଡ଼ ସିଏଚସିର ଇନଚାର୍ଜ ଡାକ୍ତର ଭୀଷ୍ମ ପରିଡ଼ା, ବିପିଏମ୍, ବିଡିଏମ, ଏସଟିଏଲଏସ, ଏସଟିଏସ, ଆରବିଏସକେ ଟିମଙ୍କ ସହିତ ପଶ୍ଚିମବାର୍ଡ, ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ପ୍ରାକ୍ତନ ସିଡିଏମଓ ଡାକ୍ତର ବ୍ରଜ ମୋହନ ପାତ୍ର(ଏମଏସ) ଡାକ୍ତର ସଞ୍ଜିବ କୁମାର ପଣ୍ଡା, ଷ୍ଟାଫନର୍ସ ଅଳକା ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ନମିତା ସାହୁ, ଦୀପିକା ଧଳ, ଇନ୍ଦିରା ହୁଇ, ଟେକ୍ନିସିଆନ ଜଗନ୍ନାଥ ପାତ୍ର, ଫାର୍ମାସିଷ୍ଟ ସୁଜୟ ଦାସ, ସ୍ୱାସ୍ଥ୍ୟ କୋର୍ଡିନେଟର ପ୍ରଦ୍ୟୁଷ କୁମାର ଚାନ୍ଦ, କର୍ମଚାରୀ ପରିମଳ ସେନ, ସୁଶାନ୍ତ ଘଡେଇ ଉପସ୍ଥିତ ଥିଲେ।

## ବାହାଘରରେ କ୍ୟାମେରା ଚୋରି ଅଭିଯୋଗ

ସୋର, ୧୨।୧୨(ସମିସ): ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ଥାଳା ଗ୍ରାମରେ ଏକ ବାହାଘରରେ ଭିଡିଓ ସୁଟିଂ କରିବାକୁ ଯାଇଥିବା ବେଳେ ଏକ କ୍ୟାମେରା ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଇଁରୀ ଗ୍ରାମର ନିହାର ରଞ୍ଜନ ବିଶ୍ୱାଳ ଏବଂ ତାଙ୍କ ସହଯୋଗୀ ସୁଶାନ୍ତ କୁମାର ଚଣ୍ଡ ଥାଳା ଗ୍ରାମର ବନମାଳୀ ଶିଅଳଙ୍କ ଝିଅ ବାହାଘରରେ ଫଟୋ ଏବଂ ଭିଡିଓ ଉଠାଇବାକୁ ଯାଇଥିଲେ। ଦିନ ତମାମ କାର୍ଯ୍ୟ କରି ସାରିବା ପରେ ସନ୍ଧ୍ୟାରେ ଫାଙ୍କା ଥିବାରୁ କ୍ୟାମେରାକୁ ପ୍ୟାକିଂ କରି ବନମାଳୀଙ୍କ ଘର ଖଟ ତଳେ ରଖି ବାହାରେ ବସି ଟିଫିନ ଖାଇଥିଲେ। ପରେ ସେଠାରୁ ଆସି ଖଟ ତଳେ ବ୍ୟାଗରେ ରଖିଥିବା ନିକନ ଜେଡ ୬ ମଡେଲର କ୍ୟାମେରାଟି ବ୍ୟାଗରେ ନ ଥିବା ଜାଣିପାରି ଖୋଜାଖୋଜି କରିଥିଲେ। ସେହି ସମୟରେ ଖଟ ଉପରେ ବସିଥିବା ମହିଳା ଜଣଙ୍କ କେହି ଜଣେ କ୍ୟାମେରା ଟିକୁ ନେଇଯାଇଥିବା କହିଥିଲେ। ଏ ବାବଦରେ ନିହାର ଆଜି ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଲରେ ଧାନକଟା ମେସିନ ଜାଳିଦେଲେ ଦୁର୍ବୃତ୍ତ



ସୋର, ୧୨।୧୨(ସମିସ): ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ ବିଲରେ ଏକ ଧାନକଟା ମେସିନକୁ କେହି ନିଆଁ ଲଗାଇ ପୋଡି ଦେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମୁଳିଶିଂ ଗ୍ରାମର ସୁଜାତା ମହାଲିକଙ୍କ ଧାନ କଟା ମେସିନ ଗତକାଲି ରାତିରେ ଏହି ଗ୍ରାମର ବିଲରେ ଧାନ କାଟି ସାରିବା ପରେ ଚାଳକ ମେସିନକୁ ବିଲରେ ରଖି ଘରକୁ ଫେରିଥିଲେ। ଆଜି ସକାଳେ ସେହି ଗ୍ରାମର ଜଣେ ବ୍ୟକ୍ତି ଧାନକଟା ମେସିନଟି ଜଳୁଥିବାର ଦେଖି ସୁଜାତାଙ୍କ ସ୍ୱାମୀ ଜିତେନ୍ଦ୍ରଙ୍କୁ ଫୋନ କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ବାବଦରେ ଜିତେନ୍ଦ୍ର ଆଜି ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ପରଲୋକ



କମର୍ଦ୍ଦା, ୧୨।୧୨ (ସମିସ): ଖରିଦପିପଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦହମୁଣ୍ଡା ଗ୍ରାମର ଅବସର ପ୍ରାପ୍ତ ବାୟୁସେନା ଅଧିକାରୀ ଦିପ୍ତେନ୍ଦୁ ମହାନ୍ତିଙ୍କ ୬୮ ବର୍ଷ ବୟସରେ ଗୁରୁବାର ନିଜ ବାସ ଭବନରେ ପରଲୋକ ଘଟିଛି। ଶ୍ରୀ ମହାନ୍ତି ଦୀର୍ଘ ଦୁଇ ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ୧୯୭୮ ମସିହାରେ ବାୟୁସେନା ବିଭାଗରେ ଚାକିରିକରି ୧୯୯୩ ମସିହାରେ ଅବସର ନେଇଥିଲେ। ଶ୍ରୀ ମହାନ୍ତି ଖରିଦପିପଳ ଏବଂ ଆରୁହାବୃତ୍ତି ନଂ -୧ ଗ୍ରାମପଞ୍ଚାତରେ ଓଡ଼ିଆ ସାହିତ୍ୟ ସଂସ୍କୃତି ସୁରକ୍ଷା ପରିଷଦ କମିଟିର ଉପଦେଷ୍ଟା ମଧ୍ୟ ଥିଲେ।

ତାଙ୍କ ବିୟୋଗରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମିନାରାଣୀ ସାସମଲ, ଆନନ୍ଦମୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଜେନା, କବି କାଳିକିଙ୍କର ଦାସ, ଅନସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶକ୍ତିଧର ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ମହାନ୍ତିଙ୍କ ଅନ୍ତିମ ଦର୍ଶନ ନିମନ୍ତେ ସରପଞ୍ଚ ମଞ୍ଜୁରାଣୀ ବେହେରା, ସଦସ୍ୟା ବିନତୀ ସାହୁ, ଖରିଦପିପଳ ସେବା ସମବାୟ ସମିତିର ସଭାପତି କେଶବ ଚନ୍ଦ୍ର ପାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ହେମନ୍ତ ବେହେରା, ଆଇନଜୀବୀ ରାଜକିଶୋର ଜେନା, ମୁରଲୀ ମୋହନ ପଟ୍ଟନାୟକ, ଦେବବ୍ରତ ମହାନ୍ତି, ସାମ୍ବାଦିକ ଶିବନାରାୟଣ ପାତ୍ର ପ୍ରମୁଖ ବାସ ଭବନରେ ଉପସ୍ଥିତ ହୋଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶବ ସଂସ୍କାର ସୁବର୍ଣ୍ଣରେଖା ନଦୀ କୂଳରେ କରାଯାଇଥିବାବେଳେ ଏକମାତ୍ର ପୁତ୍ର ବନ୍ଧୁ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ରାଜଘାଟ, ୧୨।୧୨ (ସମିସ): ଭାରସାମ୍ୟ ହରାଇ ଏକ ବାଇକ ରାସ୍ତା ପାର୍ଶ୍ୱ ଗଛକୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ବସ୍ତା ଥାନା ଧୂଳିଉଡା ଗ୍ରାମର ବିନୟ ଜେନା ବାଇକ ଯୋଗେ ଗତକାଲି ସନ୍ଧ୍ୟାରେ କୌଣସି କାମ ପାଇଁ ଦରଡା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗୋଡିଖାଲ ଦରଡା ରାସ୍ତାର ବାଇଗଣଡିହା ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ରାସ୍ତା ପାର୍ଶ୍ୱ ଘାସ ବୁଦାକୁ ଖସି ପଡ଼ିଥିଲେ ଏବଂ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିନୟ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। ଆଜି ଦିନ ୨ ଟା ସମୟରେ ରାସ୍ତା ପାର୍ଶ୍ୱ ଘାସବୁଦାରେ ବିନୟ ପଡ଼ିଥିବାର ଜଣେ ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ଅମର୍ଦ୍ଦା ଫାଣ୍ଡି ଅଧିକାରୀ ସନ୍ଦୀପ କୁମାର କୁଜୁର ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

## ବାଡ଼ପୁରରେ ଚକ୍ଷୁ ପରୀକ୍ଷା ଶିବିର

ଶ୍ରଦ୍ଧାପୁର, ୧୨।୧୨(ସମିସ): ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ବାଡପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏକ ବିଶାଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ମେ ଆଇ ହେଲପ ୟୁ ମୋ ପରିବାର ଓ ଜଳେଶ୍ୱର ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୭୨ଜଣ ବରିଷ୍ଠ ନାଗରିକ ସେମାନଙ୍କ ଆଖି ପରୀକ୍ଷା କରିଥିଲେ। ସେଥିରୁ ୧୩ଜଣ ମୋତିଆ ବିନ୍ଦୁ ଚିହ୍ନଟ ହୋଇ ଥିବାବେଳେ ୫ ଜଣ ଆଜି ଅସ୍ତ୍ରୋପଚାର ପାଇଁ ଯାଇଥିବା ସୂଚନା ମିଳିଛି। ଏ ନେଇ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ଗଣେଶ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ଜଗନ୍ନାଥପୁର ସରପଞ୍ଚ ଅଶୋକ କୁମାର ସାସମଲ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ସମିତି ସଦସ୍ୟାଙ୍କ ପ୍ରତିନିଧି ଶ୍ରୀକାନ୍ତ ପ୍ରଧାନ, ସୁକୁମାର ସାହୁ, ଚନ୍ଦନ ଦାସ ଅଧିକାରୀ, ନନି ଗୋପାଳ ଦାସ, ପ୍ରଦୀପ ସାହୁ, ସଂଗଠନର ସଭାପତି ମନୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ତାରିଣୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

ଭୋଗରାଇ, ୧୨।୧୨(ସମିସ): ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତରେ ନୂତନ ତାରିଣୀ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରକୁ ଭୋଗରାଇ ବିଧାୟକଙ୍କ ପାଣ୍ଠିରୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ ହେବ ବୋଲି ସୂଚନା ମିଳିଛି। ମନ୍ଦିର ପ୍ରତିଷ୍ଠାତା ହରିହର ମଣ୍ଡଳ, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ଗିରିଶ ପ୍ରଧାନ, ହରିଶ ପ୍ରଧାନ, ଅଶୋକ ପାତ୍ର, ବିନୟ ମଣ୍ଡଳ, ସର୍ବେଶ୍ୱର ପ୍ରଧାନ, ରାଧାକୃଷ୍ଣ ମହାନ୍ତି, ଗୌରାଙ୍ଗ କର, ସତ୍ୟରଞ୍ଜନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ନୀଳମଣି ମହାବିଦ୍ୟାଳୟର ବିକାଶ ପାଇଁ ଅନୁଦାନ ଦାବି

ବାଲେଶ୍ୱର, ୧୨।୧୨(ସମିସ): ସଦର ନିର୍ବାଚନମଣ୍ଡଳୀର ରୁପସା ପଞ୍ଚାୟତସ୍ଥିତ ନୀଳମଣି ମହାବିଦ୍ୟାଳୟ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ନିମିତ୍ତ ଏକ ପୁରାତନ ଶିକ୍ଷାନୁଷ୍ଠାନ। ମାତ୍ର ଆବଶ୍ୟକୀୟ ଭିତ୍ତିଭୂମି ଅଭାବ ଯୋଗୁଁ ମହାବିଦ୍ୟାଳୟରେ ଶିକ୍ଷାଦାନ ନେଇ ସମ୍ପ୍ରତି ବିଭିନ୍ନ ସମସ୍ୟା ଉପୁଜୁଛି। ନୀଳମଣି ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ନିବେଦନ କରିବା ସହ ଏକ ଦାବିପତ୍ର ଦେଇଛନ୍ତି। ଏକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ନୀଳମଣି ମହାବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମୀ ବିକାଶରେ ଶିକ୍ଷାବିଭାଗର ଅନୁଦାନ ପ୍ରଦାନ ନିମନ୍ତେ ବିଧାୟକ ଶ୍ରୀ ଦତ୍ତ ନିବେଦନ କରିଛନ୍ତି।

## ଉତ୍ତର ଭୋଗରାଇ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ



ଭୋଗରାଇ, ୧୨।୧୨ (ସମିସ): ଉତ୍ତର ଭୋଗରାଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ଭୋଗରାଇ ବ୍ଲକ ବାଉଁଶ ଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜୟଚନ୍ଦ୍ର ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଂଘର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇ ସର୍ବସମ୍ମତି କ୍ରମେ ନବନିଯୁକ୍ତ ସଭାପତି ରୂପେ ଶିକ୍ଷକ ଅରୁଣ କୁମାର ଦାସ, ସମ୍ପାଦକ ଭାବେ ଶିକ୍ଷକ ବଂଶଧର ବଣ, ସାଙ୍ଗଠନିକ ସମ୍ପାଦକ ରୂପେ ଶିକ୍ଷକ ବାବୁରାମ ଜେନା ମନୋନୀତ ହୋଇଥିଲେ। ଉକ୍ତ ବୈଠକରେ ସମ୍ମାନିତ ବ୍ୟକ୍ତି ରୂପେ ଅବସରପ୍ରାପ୍ତ ଶିକ୍ଷକ ବିମଳକୃଷ୍ଣ ମହାପାତ୍ର, ନରେନ୍ଦ୍ର ସିଂ, ପ୍ରଫୁଲ୍ଲ ଦାସ, ପଞ୍ଚାନନ ସାହୁ, ଦେବବ୍ରତ ଦାସ, ବିବେକ ପଣ୍ଡା, ସନ୍ତୋଷ ଦତ୍ତ ଉପସ୍ଥିତ ଥିଲେ।

## ୧୮ ରେ ଠାକୁର ଅନୁକୂଳଚନ୍ଦ୍ର ମନ୍ଦିରର ଉଦ୍‌ଘାଟନୀ

ଖଇରା, ୧୨।୧୨ (ସମିସ): ଖଇରାରେ ଠାକୁର ଅନୁକୂଳ ଚନ୍ଦ୍ର ମନ୍ଦିର ଆରମ୍ଭ ହେବା ଠାରୁ ଉଦ୍‌ଘାଟନକୁ ଅପେକ୍ଷା କରିଥିବା ହଜାର ହଜାର ଭକ୍ତ ଓ ଶିଷ୍ୟଙ୍କ ମନସ୍କାମନା ଖୁବଶିଘ୍ର ପୂର୍ଣ୍ଣ ହେବାକୁ ଯାଉଛି। ଆସନ୍ତା ୧୮ ତାରିଖରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରପୌତ୍ର ଅର୍କଦେବ ଚକ୍ରବର୍ତ୍ତୀ ବା ଆଚାର୍ଯ୍ୟଦେବ ଓ ତାଙ୍କର ୩ପୁତ୍ରଙ୍କ ଦ୍ୱାରା ଏହି ମନ୍ଦିରର ଶୁଭ ଉଦ୍‌ବୋଧନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ଭକ୍ତ ମାନେ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ଏଥିରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ସମେତ ରାଜ୍ୟ ବିଭିନ୍ନ ପ୍ରାନ୍ତରୁ ଏବଂ ରାଜ୍ୟ ବାହାରୁ ୧୫ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ଏଥିପାଇଁ ବିଗତ ୧ମାସ ଧରି ସତସଙ୍ଗ କେନ୍ଦ୍ରର ଗୁରୁଭାଇ ଓ ମାତୃମଣ୍ଡଳୀ ନିଜକୁ ସମର୍ପିତ କରିଦେଇଛନ୍ତି। ଭିଡ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀ ତଥା ଖଇରା ପୁଲିସର ସହୟତା ନିଆଯାଇଛି। ବଣପାରିଆ ଠାରେ ପାର୍କିଂ ସାଙ୍ଗକୁ ଆଚାର୍ଯ୍ୟଦେବଙ୍କୁ ଦର୍ଶନ କୁ ସୁବ୍ୟବସ୍ଥିତ କରିବାକୁ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଖଇରା ସତସଙ୍ଗ କେନ୍ଦ୍ରର ସଭାପତି ରବିନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଉତ୍ସବ କମିଟିର ସଭାପତି ଚିନ୍ତାମଣି ସାହାଣି, ଅଭିଜିତ ପାଣିଗ୍ରାହୀ ଓ ଦିବାକର ମହାନ୍ତି ଉପସ୍ଥିତ ରହି ୧୮ ତାରିଖର ଦିବସବ୍ୟାପି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସୁଦାମ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



## ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ୍; ଫାଇନାଲରେ ଗଞ୍ଜାମ

ସୋର, ୧୨।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣୀ ପଡ଼ିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସପ୍ତମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଦିବସରେ ନିମପୁର କଟକକୁ ହରାଇ ୟୁନାଇଟେଡ଼ ଇଲେଭେନ ଗଞ୍ଜାମ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗଞ୍ଜାମ ଦଳ ପ୍ରଥମେ ଟସ୍ ଜିତି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ନିମପୁର କଟକ ପ୍ରଥମେ ବ୍ୟାଟିଂ କରି ୨୩. ୫ ଓଭର୍‌ରେ ସମସ୍ତ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ।



ଦଳ ପକ୍ଷରୁ ବିକାଶ ପାଣ୍ଡେ ୪୩ ଟି ବଲ ଖେଳି ୫୦ ରନ ସଂଗ୍ରହ କରିଥିଲେ। ଜବାବରେ ୟୁନାଇଟେଡ଼ ୧୧ ଗଞ୍ଜାମ ୧୭.୫ ଓଭରରେ ୪ ଟି ୱିକେଟ ହରାଇ ୧୩୬ ରନ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସୁମନ ଓଝା ୩୫ ବଲରେ ୪୭ ରନ ଏବଂ ଚନ୍ଦ୍ର ବେହେରା ୪୫ ବଲରେ ୩୮ ରନ କରିଥିଲେ। ଗଞ୍ଜାମର ବୋଲର ପ୍ରବିନ୍ କୁମାର ୪. ୫ ଓଭରରେ ୨ଟି ମେଡେନ ଓଭର ସହ ୧୧ ରନ ଦେଇ ୩ ୱିକେଟ ଦଖଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟୁତ ବିଭାଗର କାର୍ଯ୍ୟରତ ଯନ୍ତ୍ରୀ ପର୍ଶୁରାମ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥଲେ। ଏହି ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ରାଜୀବ ପାତ୍ର ଏବଂ ଅଶ୍ୱିନୀ ସାମଲ ପରିଚାଳନା କରିଥିଲେ। ସ୍କୋରର ଭାବେ ଥିଲେ ନରେଶ, ରାକେଶ, ଦିବ୍ୟ ଏବଂ ସନ୍ତୋଷ ଓ ଭାଷ୍ୟକର ଥିଲେ ଯଦୁନାଥ ନାୟକ ଏବଂ ରସିଦ ଖାନ। ଏହି ଖେଳକୁ ପରିଚାଳନା କରିଥଲେ ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ରମାକାନ୍ତ ବେହେରା, ହରିଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାସ ପ୍ରଧାନ, ଶ୍ରୀକାନ୍ତ ସାହୁ ଏବଂ ଗଦାଧର ବିଶ୍ୱାଳ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ପ୍ରୋଗ୍ରେସ କ୍ଲବ ଝାରସୁଗୁଡା ଏବଂ ଆଦର୍ଶ କ୍ଲବ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## ଟ୍ରକ୍ ମାଲିକଙ୍କ ନାମରେ ଅଭିଯୋଗ

**ପାଣିକୋଇଲି,୧୨ ।୧୨(ସମିସ):** ବାଲି ଗାଡ଼ିରୁ ବେଆଇନ ଚାନ୍ଦା ଆଦାୟକୁ କେନ୍ଦ୍ର କରି ଟ୍ରକ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ନୂଆ ମୋଡ଼ ନେଇଛି । ଆମ୍ବଗଡିଆ ଓ ପଳସା ଗ୍ରାମବାସୀ ଟ୍ରକ ମାଲିକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ବେଆଇନ ଭାବେ ଭାରୀଯାନରେ ବାଲି ଚୋରା ଚାଲାଣ ହେଉଛି । ଭାରୀଯାନ ଚଳାଚଳ ଯୋଗୁ ସାଧାରଣ ଯାତାୟାତ, ବିଦ୍ୟାଳୟ ଏବଂ ଡାକ୍ତରଖାନାକୁ ଯାତାୟାତରେ ବାଧା ଉପୁଜୁଛି । ବାଲି ମାଫିଆଙ୍କ ଦୌରାତ୍ମ୍ୟରେ ସର୍ବସାଧାରଣ ଆତଙ୍କିତ ଅଛନ୍ତି ବୋଲି ଅଭିଯୋଗ ହୋଇଛି । ଗତ ୯ ତାରିଖ ରାତ୍ରୀରେ ଟ୍ରକ ମାଲିକ ଓ ଅନ୍ୟ ୧୦ ବାର ଜଣ ଆସି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ । ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ । ପାଟିଶୁଣି ଗ୍ରାମବାସୀ ପହଞ୍ଚି ଯିବାରୁ ସେମାନେ ପଳାଇଥିଲେ । ଏଣୁ ଟ୍ରକ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି ।

## ଦୋକାନରୁ ଚୋରି ଅଭିଯୋଗ

**ପାଣିକୋଇଲି,୧୨ ।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି-ଆଙ୍କୁଲା ରାସ୍ତାକଡ଼ରେ ଥିବା ପଦ୍ମନାଭେଶ୍ୱର ମନ୍ଦିର ସମ୍ମୁଖରେ ଥିବା କ୍ରିଷ୍ଣପ୍ରିୟା ହାର୍ଡୱେର ଏଣ୍ଡ ପେଣ୍ଟ୍ସ ଷ୍ଟୋରରୁ ବୁଧବାର ରାତିରେ ଚୋରି ହୋଇଥିବା ଦୋକାନ




ମାଲିକ ରଜନୀକାନ୍ତ ମହାରଣା ଥାନାରେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ ଶ୍ରୀ ମହାରଣା ବୁଧବାର ରାତି ୧୦ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ସେ ବୁଧବାର ବେପାର ହୋଇଥିବା ୩୫୦୦୦ ଟଙ୍କାକୁ ସାଙ୍ଗରେ ନ ନେଇ ଦୋକାନରେ ଡ୍ରରେ ରଖିଯାଇଥିଲେ । ଗୁରୁବାର ଦିନ ସକାଳୁ ଦୋକାନ ଖୋଲିବା ବେଳକୁ ଦୋକନର ସିଲିଂ ଗଳିପଡ଼ିଥିବା ଓ କ୍ୟାସବାକ୍ସ ଭଙ୍ଗା ଯାଇଥିବା ଦେଖି ତୁରନ୍ତ ଥାନାକୁ ଲିଖିତ ଭାବେ ଜଣାଇଥିଲେ । ଏଥି ସହିତ ତାଙ୍କ ଦୋକାନରୁ ୮୦ ହଜାର ଟଙ୍କା ମୂଲ୍ୟର ଜିନଷକୁ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି । ଖବର ପାଇ ଥାନାର ଭାରପ୍ରାପ୍ତ ଥାନାଧିକାରୀ ସ୍ମୃତି ମଞ୍ଜରୀ ବଡ଼ଜେନା ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସୁକିନ୍ଦା,୧୨।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁରରେ ରହୁଥିବା ନଦିଆ ହେସା(୫୪)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ସୂଚନା ମୁତାବକ, ଝାଡଖଣ୍ଡ ଅଞ୍ଚଳର ନଦିଆ ହେସା ଦୀର୍ଘଦିନ ହେବ ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳରେ ରହି କାମ କରିବା ସହ ବିବାହ କରି ପରିବାର ସହ ରହୁଥିଲେ । ଗୁରୁବାର ସକାଳୁ ତାଙ୍କ ଦେହ ଖରାପ ହେବାରୁ ପରିବାର ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।



## ବ୍ୟକ୍ତିଗତ ସମସ୍ୟାକୁ ନେଇ ଗଣ୍ଡଗୋଳ; ଜଣେ ଗୁରୁତର

**ସୁକିନ୍ଦା,୧୨।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ପୋବଳ ଗ୍ରାମରେ ବ୍ୟକ୍ତିଗତ ସମସ୍ୟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ବ୍ୟକ୍ତିଗତ ସମସ୍ୟାକୁ କେନ୍ଦ୍ରକରି ପୋବଳ ଗ୍ରାମର ଦୀପୁ ବାଗେ ଓ ଲଛମନ ପିଙ୍ଗୁଆଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଦୀପୁ ବାଗେର ଆକ୍ରମଣରେ ଲଛମନ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଲଛମନଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏନେଇ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି ।

## ରେସମା ଟେଟେ ସୁକିନ୍ଦାର ନୂଆ ବିଡିଓ

**ସୁକିନ୍ଦା,୧୨ ।୧୨(ସମିସ):** ଗୁରୁବାର ସୁକିନ୍ଦା ବିଡିଓ ଭାବେ ରେସମା ଟେଟେ ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସୁକିନ୍ଦାର ପୂର୍ବତନ ବିଡିଓ ଅଭିଷେକ ସ୍ୱାଇଁଙ୍କର କେନ୍ଦ୍ରାପଡ଼ା ବଦଳି ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ପୂର୍ବତନ ବିଡିଓ ରେସମା ଟେଟେ ଆଜି ସୁକିନ୍ଦା ବିଡିଓ ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି । ଏହି ଅବସରରେ ସୁକିନ୍ଦା ବ୍ଲକର ସମସ୍ତ କର୍ମଚାରୀ ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି ।



# ଅବହେଳିତ ଅବସ୍ଥାରେ ବାବା ସାଧୁ ଗୌରେଶ୍ୱର ପୀଠ

**କୟାଁଗୋଲା,୧୨ ।୧୨(ସମିସ):**

ଦଶରଥପୁର ବ୍ଲକରେ ଶହଶହ ବର୍ଷର ଏକ ପ୍ରାଚୀନ ଶୈବ କ୍ଷେତ୍ର ଉପରେ ସରକାରଙ୍କ ନଜର ନପଡ଼ିବା ଫଳରେ ପୀଠଟି ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତର ପ୍ରମୁଖ ଶୈବପୀଠ ବାବା ସାଧୁ ଗୌରେଶ୍ୱର ମନ୍ଦିର ।



**ପୁନରୁଦ୍ଧାର ପାଇଁ ଦାବିକଲେ ଅଞ୍ଚଳବାସୀ**

ଏହି ପ୍ରାଚୀନ ଶୈବପୀଠକୁ ଭକ୍ତ ମାନେ ନିଜର ମନୋସ୍କାମନା ପୂରଣ କରିବାକୁ ଯାଇଥାନ୍ତି । ପ୍ରବାଦ ଅଛି ଜଣେ ସାଧୁ ବାବା ଜଗତ କଲ୍ୟାଣ କରିବା ନିମନ୍ତେ ଏଠାରେ ତପରେ ବସି ଅଭିଳାଷ କରିବା ପରେ ସେହି ଜାଗାରେ ଥିବା ଏକ ଉଇଁ ହୁଙ୍କା ଉପରେ ଶିଉଳି ଲତା ମାଡ଼ିଥିଲା । ତୋଫାନରେ ପାଖ ପଣସ ଗଛ ଭାଙ୍ଗି ପଡିବାରୁ ଲତାରୁ ରକ୍ତ ବାହାରିଥିଲା । ଏଭଳି ଅଲୌକିକତା ସମସ୍ତଙ୍କୁ ଚକିତ କରିଥିଲା । ଏକ ସାଧୁ ଏଠାରେ ଶରୀର ତ୍ୟାଗ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଲୋକମାନେ ପାଖରେ ଥିବା ଶୈବ ପୀଠ ଗୌରେଶ୍ୱର ମନ୍ଦିର ପାଖରେ ଏକ ସାଧୁ ବାବା ପୀଠ ପ୍ରତିଷ୍ଠା କରିଥିଲେ । ସେବେଠାରୁ ଏହି ଅଞ୍ଚଳ ସାଧୁଗୌରେଶ୍ୱର ନାମରେ ଜଣାଶୁଣା । ଶ୍ରଦ୍ଧାଳୁମାନେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ପାଇଁ ସାଧୁ ବାବାଙ୍କ ପୀଠକୁ ଆସନ୍ତି । ଏପରି ଏକ ପ୍ରାଚୀନ ପୀଠ ପ୍ରଶାସନର ନଜର ଆଢୁଆଳରେ ଆଜି ବି ଅବହେଳିତ ଭାବେ ପଡିରହିଛି । ପୂଜକ ରବି ନାରାୟଣ ପଣ୍ଡା ପୀଠର ମାହାତ୍ମ୍ୟ ନେଇ କୁହନ୍ତି ଯେ ମଧ୍ୟପ୍ରଦେଶର ରାୟପୁରରୁ ଜଣେ ସାଂସଦ ଚିକିତ୍ସା ପାଇଁ ବିଭିନ୍ନ ଆଡୁ ନିରାଶ ହୋଇ ଏଠାରେ ଅଧିଆ ପଡ଼ିଥିଲେ । କିଛିଦିନ ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଶିବରାତ୍ରି, ମେଳଣରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଏଠାରେ ଭିଡ଼ ଲାଗେ । ଦଶରଥପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ କହିଛନ୍ତି, ସାଧୁ ଗୌରେଶ୍ୱରଙ୍କ ନାଁରେ ହାଟ, ମହାବିଦ୍ୟାଳୟ ରହିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପୀଠ ଆଜି ଅବହେଳିତ ଭାବେ ପଡ଼ିରହିଛି । ପାରିପାର୍ଶ୍ୱିକ ବିକାଶ ଓ ପୀଠର ମୌଳିକ ଆବଶ୍ୟକତା ପୂରଣ କରାଯିବା ଦିଗରେ ରାଜ୍ୟ ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି ।

## ଆଇନ ବିଶାରଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ଯାଜପୁର,୧୨ ।୧୨(ସମିସ):** ସାମ୍ୟବାଦୀ ଆନ୍ଦୋଳନର ଦୃଢ଼ ସମର୍ଥକ, ସୂଚନା ଅଧିକାର ଆନ୍ଦୋଳନର ପ୍ରବକ୍ତା ତଥା ସମାଜବିଜ୍ଞାନୀ ଚିତ୍ତରଞ୍ଜନ ବେହେରା(୭୨)ଙ୍କର କଟକଠାରେ ବୁଧବାର ପରଲୋକ ଘଟିଛି । ତାଙ୍କୁ ସିଭିଲ ସୋସାଇଟି ଫୋରମ ଯାଜପୁର, ସାମାଜିକ ସମତା ଅଭିଯାନ ଯାଜପୁର, ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଙ୍ଘ, ଦଳିତ ବିକାଶ ପରିଷଦ ସୁକିନ୍ଦା, ବିର୍ସା ବିଗ୍ରେଡ କଳିଙ୍ଗନଗର, ଆମ୍ବେଦକର ଦଳିତ ବିକାଶ ପରିଷଦ ସୁକିନ୍ଦା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସିଭିଲ ସୋସାଇଟି ପକ୍ଷରୁ ବିଶ୍ୱନାଥ ପାତ୍ର, ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ଅର୍ଜୁନ ପୂର୍ତ୍ତି, ସୁଜିତ କୁମାର ମଲ୍ଲିକ, କାଳନ୍ଦି ମଲ୍ଲିକ, ହୃଷିକେଶ ଜେନା, ଖଇର ମହାନ୍ତ, ଇନ୍ଦ୍ରମଣି ମହାନ୍ତ, ରଙ୍ଗ ମହାନ୍ତ, ପାନ ମହାନ୍ତ, କାର୍ତ୍ତିକ ଚନ୍ଦ୍ର ପାତ୍ର, ମୁନା ପାତ୍ର, ବନଜ କୁମାର ପାତ୍ର, ମୁରଲି ଧର ପାତ୍ର, ସୁନାରାମ ଟୁଡୁ, ସମନାଥ ପାତ୍ର, ଧନେଶ୍ୱର ଟୁଡୁ, ବିଜୟ କୁମାର ମହାନ୍ତ ପ୍ରମୁଖ ସଭାରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଚିତ୍ତ ବେହେରା ସୁକିନ୍ଦା, କଳିଙ୍ଗନଗର, ଭୁବନଠାରୁ ଯାଜପୁର ଜିଲ୍ଲା ସହ ସାରା ରାଜ୍ୟରେ ଜଣେ ଆଇନ ବିଶାରଦ ଓ ଦରଦୀ ମଣିଷ ଭାବେ ପରିଚିତ ଥିଲେ ।

## ବନ୍ଧୁକ ଦେଖାଇ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

**ବାଲିଚନ୍ଦ୍ରପୁର,୧୨ ।୧୨(ସମିସ):** ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଜଣେ ମହିଳାଙ୍କଠାରୁ ଛ' ଜଣ ଯୁବକ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ, ଗତ ୧୧ ତାରିଖ ସନ୍ଧ୍ୟାରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଆମ୍ବସୌରୀ ଗ୍ରାମର ଭୀମସେନ ନାୟକଙ୍କ ସାନଭାଇ କାର୍ତ୍ତିକ ନାୟକଙ୍କ ପୁଅ ବିଭାଘର ଭୋଜି ବାଲିଚନ୍ଦ୍ରପୁରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏହି ଭୋଜିରେ ଭୀମସେନଙ୍କ ଝିଅ ଅରୁନ୍ଧତୀ ଯୋଗଦେବା ସହ ରାତି ୧୧ଟାରେ ସେ ବାପା ଓ ସାନଭାଇଙ୍କ ସହିତ ଏକ ବାଇକ୍‌ରେ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ଦେଇ ଭୋଜି ସ୍ଥଳଠାରୁ ମାତ୍ର ଦୁଇ କିଲୋମିଟର ବ୍ୟବଧାନରେ ଥିବା ତାଙ୍କ ଗ୍ରାମ ଆମ୍ବସୌରୀକୁ ଫେରୁଥିଲେ । ତେବେ ଏମାନେ ଯାଉଥିବା ବେଳେ ଏହି ରାସ୍ତାର ଏକ ମଦ କାଉଣ୍ଟର ନିକଟରେ ଗୋଟିଏ ବାଇକ୍‌ରେ ତିନି ଜଣ ଯୁବକ ହଠାତ ତାଙ୍କ ପାଖରେ ପହଞ୍ଚି ବାଇକ୍‌କୁ ଧକ୍କା ଦେଇଥିଲେ । ଫଳରେ ଏମାନେ ରାସ୍ତାକଡ଼ର ଏକ ଖାତ ଭିତରେ ପଡ଼ି ଯାଇଥିଲେ । ପରେ ଆଉ ଗୋଟିଏ ବାଇକ୍‌ରେ ଅନ୍ୟ ତିନି ଜଣ ଯୁବକ ସେଠାରେ ପହଞ୍ଚି ବିଭିନ୍ନ ଧମକଚମକ ଦେବା ସହିତ ବନ୍ଧୁକ ଦେଖାଇ ଅରୁନ୍ଧତୀ ପିନ୍ଧିଥିବା ୧-ମଙ୍ଗଳସୂତ୍ର, କାନଫୁଲ, ତିନିଟି ମୁଦି, ଦୁଇଟି ଶାଂଖି ଲୁଟି ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତମାନେ ଓଡ଼ିଆ ଓ ହିନ୍ଦୀ ଭାଷାରେ କଥା ହେଉଥିଲେ । ମୁହଁରେ ମାସ୍କ ପିନ୍ଧିଥିଲେ । ତେବେ ଏନେଇ ଭୀମସେନ ଆଜି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଆକ୍ରମଣକାରୀଙ୍କୁ ଗିରଫ କରାନଗଲେ ଧାରଣା ଦେବ ସଂଘ



**ଷଠିପୁର,୧୨ ।୧୨(ସମିସ):** ଗତ ୧୦ ତାରିଖ ଦିନ ଭୋର ସମୟରେ ପାଣିକୋଇଲି ଥାନା ପଳସା ଛକ ନିକଟରେ ମା' ସୁବର୍ଣ୍ଣ ମୁଖି ଟ୍ରକ ଓ ଟିପର ଆସୋସିଏସନର ଉପସଭାପତି ମାନସ ରଞ୍ଜନ ଧଳଙ୍କ ସମେତ ସମ୍ପାଦକ ଲକ୍ଷ୍ମୀଧର ଜେନା, ସୁକାନ୍ତ ଧଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିବା ଆସୋସିଏସନ ପକ୍ଷରୁ ଅଭିଯୋଗ କରାଯାଇଛି । ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ ଆଗାମୀ ଦିନରେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚେତାବନୀ ଦିଆଯାଇଛି ।

ସୂଚନା ମୁତାବକ ଘଟଣା ଦିନ ପଳସା ଗ୍ରାମ ଛକଠାରେ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାରଣାସ୍ତ୍ର ଧରି ଗାଡିକୁ ଅଟକାଇ ହଠାତ୍ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ମାନସ ଧଳଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଅନ୍ୟମାନଙ୍କୁ ମାଡ ମରିବା ସହିତ ନଗଦ ଅର୍ଥ ଓ ସୁନାଚେନ୍ ଛିଡାଇ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଏନେଇ ମାନସଙ୍କ ସମେତ ସୁବର୍ଣ୍ଣ ମୁଖି ଟ୍ରକ ଓ ଟିପର ଓନର୍ସ ଆସୋସିଏସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ତେବେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଆକ୍ରମଣକାରୀଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିପାରିନାହିଁ । ଏ ନେଇ ସଂଘ ତରଫରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇ ଥିଲେ । କିନ୍ତୁ କାହାରିକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ । ଏହାର ପ୍ରତିବାଦରେ ଗୁରୁବାର ସଠିପୁରସ୍ଥିତ ବିକେବି କଲ୍ୟାଣମଣ୍ଡପଠାରେ ଆସୋସିଏସନ୍ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଆସୋସିଏସନ୍‌ର ସଦସ୍ୟ ଅଶୋକ ସାହୁଙ୍କ ସଂଚନାରେ ସଭାପତି ସଞ୍ଜୟ କୁମାର ବେହେରା, ଉପସଭାପତି ମାନସ ରଞ୍ଜନ ଧଳ, ସମ୍ପାଦକ ଲକ୍ଷ୍ମୀଧର ଜେନା ଓ ଭଦ୍ରକ ଜିଲ୍ଲା ହାଇୱା ଓନର୍ସ ଆସୋସିଏସନର ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପୁଲିସର ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଥିଲେ । ଆସନ୍ତା ଶନିବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ପୋଖରୀରେ ବୁଡ଼ି ବରଯାତ୍ରୀ ମୃତ

**କୁନ୍ଦଳ/ବରୀ,୧୨ ।୧୨(ସମିସ):** ବାଲିଚନ୍ଦ୍ରପୁର ଥାନା ବିକ୍ରମତିରଣ ପଞ୍ଚାୟତ ପାଗଳଡିଅ ଗ୍ରାମର ଶରତ ଚନ୍ଦ୍ର ନାୟକଙ୍କ ପୁଅ ଗିରୀଶ ଚନ୍ଦ୍ର ନାୟକ (୨୬) ଗତକାଲି ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଗୋପାଳପୁର ପଞ୍ଚାୟତ ଏକ ବିବାହରେ ବରଯାତ୍ରୀ ହୋଇ ସେ ବରୀ ଥାନା ଅନ୍ତର୍ଗତ ବାଲିଆ ନାଥପୁର ଅଞ୍ଚଳକୁ ଯାଇଥିଲେ । ତେବେ ପ୍ରୋସେସନ ଚାଲୁଥିବା ସମୟରେ କନ୍ୟା ଘର ଯିବା ରାସ୍ତାରେ ଏକ ପୋଖରୀରେ ଅସାବଧାନତା କାରଣରୁ ଗିରୀଶ ଖସିପଡ଼ିଥିଲେ । ତେବେ କିଛି ସମୟ ପରେ ବର ପକ୍ଷ ଲୋକ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ବରୀ ଥାନାରେ ଅଭିଯୋଗ ପରେ ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା ।



## ପଙ୍କପାଳ ବାଲିଘାଟକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**ଯଖପୁରା,୧୨ ।୧୨(ସମିସ):** ଆଜି ପଙ୍କପାଳ ବାଲିଘାଟ-୧କୁ ନେଇ ଖଣିନିଗମ (ଡିଡିଏମ) ପାଖରେ ଅଭିଯୋଗ ରଖିଛନ୍ତି ଗ୍ରାମବାସୀ । ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବାଲିଘାଟ-୧ ସରକାରଙ୍କ କୌଣସି ନିୟମ ନମାନି ବେଆଇନ ଭାବେ ମେସିନ ଲଗାଇ ନିଜ ଲିଜ ଏରିଆ ବାହାରୁ ବାଲି ଉଠାଯାଉଛି । ବାଲିଘାଟ-୧ରୁ ବାଲିଘାଟ-୨ ମଧ୍ୟରେ ଥିବା ଦୂରତ୍ୱ ୬୫୦ ମିଟର ଏରିଆ ଭିତରୁ ବାଲି ଉଠାଯାଇ ହାଇୱାରେ ବିନା ଟିପିରେ ଟ୍ରିପ୍ ପିଛା ୬୦୦୦ ହଜାର ଟଙ୍କାରେ ବିକ୍ରି କରାଯାଉଛି । ବାଲିଘାଟକୁ ରାସ୍ତା ପାଇଁ ପ୍ଲାଣ୍ଟ ମାନଙ୍କରୁ ବାହାରୁଥିବା ବର୍ଜ୍ୟବସ୍ତୁ ସବୁ ବ୍ୟବହାର କରାଯାଉଛି । ଓଭର ଲୋଡ ଦ୍ୱାରା ଚାଷ ଜମିରେ ଧୂଳି ଉଡି ଫସଲ ନଷ୍ଟ ହେଉଛି । ନଦୀବନ୍ଧ ରାସ୍ତାରେ ପ୍ରଚୁର ପରିମାଣର ବାଲି ପଡି ରାସ୍ତାଘାଟରେ ଲୋକମାନଙ୍କର ଯାତାୟାତରେ ବହୁତ ସମସ୍ୟା ଦେଖାଦେଉଛି । ବାଲି ବୋଝେଇ ଟ୍ରକଗୁଡିକ ଗ୍ରାମ ରାସ୍ତା ଦେଇ ଯିବା ଦ୍ୱାରା ଯାତାୟାତ କରୁଥିବା ସ୍କୁଲ ପିଲାମାନଙ୍କ ଯିବା ଆସିବାରେ ଅସୁବିଧା ଘଟୁଛି । ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ସରସ୍ୱତୀ ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ



**ପାଣିକୋଇଲି, ୧୨ ।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୁଳାପାଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ମୁଳାପାଳ ଗ୍ରାମପଞ୍ଚାୟତର କ୍ଷୀରୋ ଗ୍ରାମର ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନାନୁସାରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ଏକ ସରସ୍ୱତୀ ସଂସ୍କାର କେନ୍ଦ୍ରର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ୟାସନଗର ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥୀ ଓ ମୁଖ୍ୟ ବକ୍ତାଭାବେ ଯାଜପୁର ଜିଲ୍ଲା ପ୍ରମୁଖ ଅଶୋକ କୁମାର ସାହୁ ଯୋଗଦେଇ ଉକ୍ତ ସଂସ୍କାର କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ରୂପରେଖ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁ, ବିଦ୍ୱତ ପରିଷଦର ସଭାପତି କୈଳାସ ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜକିଶୋର ମଲିକ, ବିଦ୍ୱତ ପରିଷଦର ସମ୍ପାଦକ ସୁଧାଶଙ୍କର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସଂସ୍କାର କେନ୍ଦ୍ରର ଅଭିମୁଖ୍ୟ, ରାଷ୍ଟ୍ର ଗଠନରେ ସଂସ୍କାର କେନ୍ଦ୍ରର ଭୂମିକା ସମ୍ପର୍କରେ ଅବଗତ କରାଯାଇଥିଲା । ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସାମୂହିକ ସଂଗୀତ ବ୍ୟକ୍ତିଗତ ସଂଗୀତ, ନାଚଗୀତ ପ୍ରଦର୍ଶିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୱତ ପରିଷଦର ବରିଷ୍ଠ ସଦସ୍ୟ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମସ୍ୟା ଘେରରେ ବିଞ୍ଝାରପୁର ଉଠାଜଳସେଚନ କାର୍ଯ୍ୟାଳୟ

**ପ୍ରୀତିପୁର,୧୨ ।୧୨(ସମିସ):**

କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ସରକାରଙ୍କର ବିଭିନ୍ନ ବିଭାଗ ରହିଛି । ତନ୍ମଧ୍ୟରୁ ଜଳସମ୍ପଦ ବିଭାଗ ଅନ୍ୟତମ । ଏହି ଜଳ ସମ୍ପଦ ବିଭାଗ ବିଭାଗୀକରଣ ହୋଇ ଜଳ ସମ୍ପଦ, କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ ଭଳି ବିଭିନ୍ନ ବିଭାଗରେ ପରିଣତ ହୋଇଛି । ବିଞ୍ଝାରପୁର ବ୍ଲକରେ ସରକାରଙ୍କର ଏହି ସମସ୍ତ ବିଭାଗର କାର୍ଯ୍ୟାଳୟ ରହିଛି । ମାତ୍ର ଉଠାଜଳସେଚନ ବିଭାଗ କଥା ନକହିବା ଭଲ । ବିଞ୍ଝାରପୁରଠାରେ ଏହି ବିଭାଗର ଯେଉଁ କାର୍ଯ୍ୟାଳୟ ପୂର୍ବରୁ ଥିଲା; ତାହା ବେଶ ସକ୍ରିୟ ଓ ଚଳଚଞ୍ଚଳ ଥିଲା । ଏଠାରେ ଜଣେ ସହକାରୀ ଯନ୍ତ୍ରୀଙ୍କ ସମେତ ଦୁଇଜଣ କନିଷ୍ଠ ଯନ୍ତ୍ରୀ ପିଅନ, ନାଇଟ୍ ୱାଚ୍‌ମ୍ୟାନ, ସୁଇପର ଭଳି ପଦବୀରେ ଏକାଧିକ କର୍ମଚାରୀ ଅବସ୍ଥାନ କରି କାର୍ଯ୍ୟ କରୁଥିଲେ । ମାତ୍ର ସମ୍ପ୍ରତି ଏହି କାର୍ଯ୍ୟାଳୟଟି ଏବେ ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି ।

ପ୍ରକାଶ ଯେ ଏଠାରେ ଜଣେ ଉପନିର୍ବାହୀ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି । ଜଣେ କନିଷ୍ଠ ଯନ୍ତ୍ରୀ ମଧ୍ୟ କାର୍ଯ୍ୟ କରୁଛନ୍ତି । ମାତ୍ର ଏଠାରେ ଚତୁର୍ଥଶ୍ରେଣୀ କର୍ମଚାରୀ କେହି ନାହାନ୍ତି । ଯାହାକି କାର୍ଯ୍ୟାଳୟରେ ଝାଡୁ ମାରିବାଠାରୁ ଅଫିସର ମାନଙ୍କର ବିଭିନ୍ନ ଦାୟିତ୍ୱ ତୁଲାଇବାରେ ସମସ୍ୟା ସୃଷ୍ଟି ହୋଇଛି । କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କ୍ୱାର୍ଟର ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏହା ଭାଙ୍ଗି ଭାଙ୍ଗି ଯାଉଥିବା ବେଳେ; ମରାମତି ଓ ରକ୍ଷଣାବେକ୍ଷଣ ନହେବା କାରଣରୁ ଏହା ସରୀସୃପ ଓ ବିପଜ୍ଜନକ ପ୍ରାଣୀ ମାନଙ୍କର ଆଶ୍ରୟସ୍ଥଳୀ ପାଲଟିଲାଣି । ରାତ୍ର ଜଗୁଆଳି ଏଠାରେ ନରହିବା କାରଣରୁ ଏହି କ୍ୱାର୍ଟର ସମେତ କାର୍ଯ୍ୟାଳୟରୁ ବିଭିନ୍ନ ଜିନିଷ ଚୋରି ବା ନଷ୍ଟ ହୋଇଯାଉଛି । ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ଗ୍ରାମରେ କମିଟି ମାନ ଗଠନ ହୋଇଥିବା ବେଳେ ସେଠାରେ ଖନନ କରାଯାଇଥିବା ବୋରୱେଲରେ ମଟର ସଂଯୋଗୀକରଣ ହୋଇ ନଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ଅବିଭକ୍ତ ପ୍ରୀତିପୁର ପଞ୍ଚାୟତର ଦେୱାନ ପାଟଣା ଗ୍ରାମରେ ମଟର ସଂଯୋଗ ହୋଇନଥିବା ପ୍ରକଳ୍ପଟି ଚାଷୀମାନଙ୍କ କାମରେ ଆସୁନାହିଁ । ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଦ୍ୱାରା କରାଯାଇଥିବା ଉଠାଜଳସେଚନ ପ୍ରକଳ୍ପଗୁଡିକ ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଅଛି ବା କାର୍ଯ୍ୟକାରୀ ହେଉ ନାହିଁ ତାର ଉତ୍ତର କାର୍ଯ୍ୟରତ ଅଧିକାରୀମାନଙ୍କ ନିକଟରେ ନାହିଁ । ଆଉଁରୀ ପଞ୍ଚାୟତର କୁଆଁରପୁର ରାଜସ୍ୱଗ୍ରାମ ଅନ୍ତର୍ଗତ ଗବଡିହ ପଡାଗ୍ରାମର ଏକ ଶ୍ମଶାନ ଜମିକୁ ନେଇ ତାହା ଉପରେ ନିର୍ମାଣ ହୋଇଥିବା ଉଠାଜଳସେଚନ ପ୍ରକଳ୍ପଟି ଦିନେ ହେଲେ ବି ଚାଲିନାହିଁ । ଏହି ପ୍ରକଳ୍ପଟି କାହିଁକି ନିର୍ମାଣ ହୋଇଥିଲା ବୋଲି ଚାଷୀମାନେ ପ୍ରଶ୍ନ ପଚାରୁଛନ୍ତି । ଜଳ ନିକାଶ ହୋଇପାରୁ ନଥିବା କାରଣରୁ ଏହି ଜମିର ଫସଲ ଦୀର୍ଘ ୫ବର୍ଷ ଧରି ହେଉ ନଥିବାରୁ ଏହି ଜମିରେ ତାଇଚୁନ ଧାନ ଚାଷ କରାଯିବା ପାଇଁ ଚାଷୀମାନେ ମନ ବଳାଇଥିଲେ । ତେବେ ଉଠା ଜଳସେଚନ ପ୍ରକଳ୍ପର ଅଚଳ ଅବସ୍ଥା ଚାଷୀମାନଙ୍କର ମନୋବଳକୁ ହ୍ରାସ କରି ଦେଇଛି । ତେବେ ବିଭାଗୀୟ ଉଚ୍ଚ ଅଧିକାରୀ ଏହି ବିଞ୍ଝାରପୁର ଉଠାଜଳସେଚନ ବିଭାଗର କାର୍ଯ୍ୟାଳୟ, କର୍ମଚାରୀ କ୍ୱାର୍ଟର, ରାତ୍ରଜଗୁଆଳ ଓ ପିଅନ ନିଯୁକ୍ତି ପ୍ରତି ଧ୍ୟାନ ଦେବା ସହିତ ଚାଷୀମାନେ ଯେମିତି ଉଠାଜଳସେଚନ ପ୍ରକଳ୍ପରୁ ଲାଭ ଉଠାଇ ପାରିବେ ସେ ଦିଗରେ ଧ୍ୟାନ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ଝାଡ଼େଶ୍ୱର ଜୁନିୟର କଲେଜରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ଟମକା,୧୨ ।୧୨(ସମିସ):** ଦାନଗଦୀ ବ୍ଲକ୍ ଅନ୍ତର୍ଗତ ଟୋଲକାନୀସ୍ଥିତ ଝାଡେଶ୍ୱର ଜୁନିୟର କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟମକା ଥାନା ଆଇଆଇସି ପ୍ରମୋଦିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ସେ ପିଲାମାନଙ୍କୁ ସମ୍ବୋଧିତ କରି କହିଲେ ଯେ କ୍ରୀଡ଼ା ମାଧ୍ୟମରେ ବ୍ୟକ୍ତିତ୍ୱର ସନ୍ତୁଳିତ ବିକାଶ ସମ୍ଭବ ହୋଇଥାଏ । ତେଣୁ ସମସ୍ତେ ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରି ଛାତ୍ର ଜୀବନର ସାର୍ଥକତା ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଡ. କ୍ଷିରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ଲକ୍ଷ୍ମୀଧର ବେହେରା, ଖଗେଶ ଚନ୍ଦ୍ର ଜେନା, ତୋଫାନ ଜେନା, ରଞ୍ଜନ କୁମାର ସାହୁ, ବାଇଧର ସାହୁ, ରଞ୍ଜନ କୁମାର ଖଣ୍ଡା, ଶ୍ରୀମନ୍ତ ନାୟକ, ଅଧ୍ୟାପିକା ପାରିଜାତ ମହାନ୍ତି, ସିଲନ୍ ପ୍ରଭା ନାୟକ, ଇତିଶ୍ରୀ ମଲ୍ଲିକ, ଅଧ୍ୟାପକ ପାର୍ଥସାରଥୀ ବଳ, ସନ୍ଦୀପ ଦାସ, ମନୋରଞ୍ଜନ ବିଶ୍ୱାଳ, ବ୍ରିଜେଶ ବେହେରା ଓ କର୍ମଚାରୀଙ୍କ ମଧ୍ୟରେ ସୁକାନ୍ତ କୁମାର ସାହୁ, ସୁଶାନ୍ତ କୁମାର ପଣ୍ଡା, ଅବନୀ ମହାରଣା, ବିଜୟ କୁମାର ସାହୁ, ନାରାୟଣ ଚନ୍ଦ୍ର ସାହୁ, ସତ୍ୟଭାମା ସାହୁ, ସତ୍ୟଭାମା ମୁଖୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

